ଗଳ୍ପଦୀପ୍ତି

ରଘୁନାଥ ବେହେରା

Digitized by srujanika@gmail.com

ଉତ୍ସର୍ଗ ପତ୍ର

ମୋର ସ୍ୱର୍ଗତଃ ପୂଜ୍ୟ ଅଧ୍ୟାପକ ଗୋପର ସ୍ମୃତିରେ…………

। ଇତି ।

ଅଭାଗା ବାବା

Digitized by srujanika@gmail.com

ମତ୍ସ୍ୟଜୀବୀ

କବି :
ରଘୁନାଥ ବେହେରା
(ପୂର୍ବତନ ଶିକ୍ଷକ)
ଗ୍ରାମ-ଦାମୋଦରପୁର
ପୋଷ୍ଟ/ଜିଲ୍ଲା - ଗଞ୍ଜାମ

ପ୍ରକାଶକ :
ଶ୍ରୀହରି ଚରଣ ବେହେରା
ପୋଷ୍ଟ ଦାମୋଦରପୁର
ଗ୍ରାମ/ଜିଲ୍ଲା-ଗଞ୍ଜାମ

ପ୍ରଚ୍ଛଦ :
ତାପସ ପଣ୍ଡା

ପ୍ରଥମ ପ୍ରକାଶ :
୧୯୯୮

ମୁଦ୍ରଣ :
ରବିନାରାୟଣ ପ୍ରେସ
ନୂଆବଜାର, ବାଲେଶ୍ବର

ମୂଲ୍ୟ :
୨୦ ଟଙ୍କା ମାତ୍ର

MATSYAJEEBEE

Writer :
Raghunath Behera
(Ex Teacher)
At -Damodarpur
P O /Dist · Ganjam

Publisher :
Shreehari Charan Behera
At.-Damodarpur
P.O./Dist.-Ganjam

Cover :
Tapas Panda

First Printing :
1998

Printing :
Rabinarayan Press
Mayabazar, Balasore

Price :
Rs. 20 /- only

Digitized by srujanika@gmail.com

ମୁଖବନ୍ଧ

ବଟପୁଟଶାୟୀ ନାରାୟଣଙ୍କ ସାନିଧ ଲାଭରେ କୈବର୍ତ୍ତ ବେଦ, ପୁରାଣ ଓ ଇତିହାସରେ ସ୍ଥାନିତ । ବେଦବ୍ୟାସ ଓ ଶାନ୍ତନୁ ସତ୍ୟବତୀ ଚରିତରେ ଅବଗାହି ତଥା ରାବରାହି ରଘୁବୀରଙ୍କ ପାଦ ଧୋଇ ଏ ଜାତି ଧନ୍ୟ । ଓଡ଼ିଶାରେ ଏମାନେ କେଉଟ, କଣ୍ଡରା, ତିଅର, ଗୋଖା, ନିଆରି, ରାଡି, ଧୀବର ଦେବର ଇତ୍ୟାଦି ଜାତି-ପ୍ରଜାତିରେ ବିଭକ୍ତ ହୋଇ ପରିସ୍ଥିତି ଭେଦରେ ଅସ୍ପୃଶ୍ୟତା ଲାଞ୍ଛନାରେ ତଫସିଲଭୁକ୍ତ ମତ୍ସ୍ୟଜୀବୀ—ଙ୍କ ୨୦/୨୫ ଲକ୍ଷ, ଅତୀତ ବୋଇତ ବେପାରର ନାବିକ ଓ ବଣିକ ।

ସାଧବ କୈବର୍ତ୍ତ କନ୍ୟା ସମ୍ପାପ (ଜଉଗଡ଼) ରାଜମନ୍ତ୍ରୀ କାରୁବାକୀଙ୍କ ପାଇଁ କଳିଙ୍ଗ ଯୁଦ୍ଧ । ସେ ଯୁଦ୍ଧର ପରାଜିତ ଶକ୍ତି ପଳେଇ ଦ.ପୂ. ଏସିଆରେ ବସତି ସ୍ଥାପନ । (ଇତିହ କାହ୍ନୁ ଚରଣ) । ଇଣ୍ଡୋନେସିଆରେ ତିନିଶ' ବର୍ଷ ଧରି ଯେଉଁ ଶୈଳେନ୍ଦ୍ର ସାମ୍ରାଜ୍ୟ ଥିଲା ତା' କଙ୍ଗୋଦ (ମହାନଦୀ ଠାରୁ ବଂଶଧାରା) ର ଶୈଳେନ୍ଦ୍ର ରାଜବଂଶର କୃତି ଏବଂ ସେହି ସାଗର ସାମ୍ରାଜ୍ୟର ରଣତରୀ ଯୁଦ୍ଧରେ କୈବର୍ତ୍ତମାନେ ଥିଲେ ସଂସପ୍ତକ ସେନା । ଶ୍ରୀଲଙ୍କାରେ ଓଡ଼ିଆର ଭାଷା ଓ ନାମଧାମ ବିଦ୍ୟମାନ। ବଙ୍ଗଳାର ରାଢ ଓ ମେଦିନୀପୁରରେ କୈବର୍ତ୍ତ ରାଜ୍ୟ ଥିଲା । ଏପରିକି କଲିକତାର ଦକ୍ଷିଣେଶ୍ୱର କାଳୀ ମନ୍ଦିରର ପ୍ରତିଷ୍ଠାତ୍ରୀ କୈବର୍ତ୍ତରାଣୀ ରାସମଣି ।

ବୋଇତ ବେପାର ବୁଡ଼ିବା ପରେ ସେ ମତ୍ସ୍ୟଜୀବୀ କମ୍ମା ରାଢି ଓ ନିଆରି । ଡଙ୍ଗା ବେପାର, ରେଲମଟର ଗ୍ରାସ ପରେ ବୃନ୍ଦାକୁଟା କଲି ଦଖଲ । ଜମିର ଖଜଣା ଗ୍ରୁଡ଼ ହେଲେ ହେଁ ମହାଜଆ ବାର୍ଷିକ ୧୦ ଶତ-କଡ଼ା ବଢ଼ି ଚାଲିଛି । ବନ୍ଧ ପୋଖରୀ ସବୁ ପଞ୍ଚାୟତ ଦଖଲରେ । ଦେଶବାସୀଙ୍କୁ ସୁମିଷ୍ଟ ଖାଦ୍ୟ ଯୋଗାଉଥିଲେ ହେଁ ସମାଜରେ ସେ ଘୃଣ୍ୟ ଏବଂ ଅବହେଳିତ । ଜମିରେ କୃତ୍ରିମ ସାର, କଳକାରଖାନାର ଆବର୍ଜନା ନଦୀ ନାଳରେ ପରିତ୍ୟକ୍ତ ହେତୁ ମତ୍ସ୍ୟଦେଶ ମତ୍ସ୍ୟଶୂନ୍ୟ ।

ନିଶା ରାତିରେ ସୁବର୍ଣ୍ଣ କୋଳସ୍ଥିତ ଝଡ଼ବର୍ଷା ତଥା ମାଘ ମାସର ହାଡ ଦୋହଲା ଶୀତରେ, ମଡା ମଶାଣିର ଲଟାକଣ୍ଟା କୁଦ ଅଣ୍ଟେପେଟେ ପାଣିରେ ମାଛ ଧରିବା ବେଳେ ଦୈବ ଦୁର୍ବିପାକରେ ବାଲୁଆ ଭଳି ମୁଣ୍ଡ ଗୁଞ୍ଜିବାକୁ ସ୍ଥାନ ନପାଇ, ବିବସନା ଦ୍ରୌପଦୀର ଆର୍ତ୍ତ ସ୍ୱରରେ ଭଗବାନଙ୍କୁ ଡାକି ସେ ପଥର ପାଲଟେ । ତା'ର ଷୋଳବରଷର ଯୁବତୀ-ବାଳୀ ମୁଣ୍ଡ ଛଡା ଗୋଡ଼ ଚପିଲି କରି ଶୁଖୁଆବାଲି । ତିନିହାତ ଗାମୁଛା

Digitized by srujanika@gmail.com

ଘର, ଦଦର ଭଙ୍ଗା କଣ୍ଟା ଖାଳୋଇ ସମ୍ବଲରେ ଦୁଃଖ କଷ୍ଟର ଜୀବନ କଟେଇବାରେ ସେ ହୁଏ ସନ୍ତୁଳିତ ।

ଅଶିକ୍ଷିତ ହେତୁ କୁସଂସ୍କାର, ଅନ୍ଧବିଶ୍ୱାସ ଓ ଦଳାଦଳିରେ ଦିନକୁ ଦିନ ତା'ର ଅଧୋଗତି, ମୃତ ସଞ୍ଜିବନୀ ଶିକ୍ଷା ବଳରେ ସେ ମରଣର ଶତ୍ୟା ମନ୍ଥନ କରି ଜାଗି ଉଠୁ । ପାଖ ପଡ଼ୋଶୀ ଆମ ରତ୍ନାକର ଜୁରି ବିଶେଷ କରି ସ୍ୱର୍ଣ୍ଣ ଚଙ୍ଗୁଡ଼ି ସଂଗ୍ରହୀ ଶହ ଶହ କୋଟି ବିଦେଶୀ ଟଙ୍କା ଠୁଳ କରୁଛନ୍ତି । ସାଗର ବିହାରୀ ଓଡ଼ିଆ ଜାତି ଆଜି ଜାଲିକା ।

କର୍ପୂର ଉଡ଼ିଗଲେ ହେଁ ଅତୀତର ସେହି ବୈଦିକ ହୟଗ୍ରୀବ ଅଶ୍ୱିନୀ କୁମାର ତା'ର ଆରାଧ୍ୟ ଦେବତା । ଚୈତ୍ର ପୂର୍ଣ୍ଣିମାରେ ନାବପୂଜା ଘୋଡ଼ା ନାଚରେ ସେ ମଜ୍ଜିଆନ୍ତି । ସାମାଜିକ ସ୍ତରରେ ସେ ପ୍ରଗଣା/ ରାଜ୍ୟ ବେହେରା ଦ୍ୱାରା ଶାସିତ । କନ୍ୟା ମୂଲ୍ୟ ଦେଇ କନ୍ୟା କିଣିବା ତା'ର କୌଳିକ ରୀତି । ବାଲ୍ୟବିବାହ ନାହିଁ କିନ୍ତୁ ଚୋରା କନ୍ୟା ଚଳେ । ଯେଉଁଠି ପନ୍ଦର, କୋଡ଼ିଏ ହଜାର ବାସିନ୍ଦା ସେଠି କୁଳ ବେହେରା ଲଗ୍ନରେ ଚାରି/ପାଞ୍ଚ ବର୍ଷ ଅନ୍ତରରେ ୨୦୦/୩୦୦ ସମୂହ ବିବାହ ହୁଏ । ଜନ୍ମିତ ପୁତ୍ରର ନାମ ବାହାଣିରେ ରାଗ ଏମାନଙ୍କର ବିଶେଷତ୍ୱ ।

ଗାଁ ମାଟି କାମୁଡ଼ି ଯେଉଁ ପାନବିଶ୍ୱଭୂଙ୍କ ମର୍ମାନ୍ତିକ ଯନ୍ତ୍ରଣା ଅଙ୍ଗେ ଲିଭାଇଛନ୍ତି ଏବଂ ଓଡ଼ିଶାର ଅତୀତ ଗୌରବର ଯେଉଁ କ୍ଷୀଣ ଫଲ୍‌ଗୁ ଅନ୍ତରରେ ଉଦ୍‌ବେଳିତ ତାହାହିଁ ଏ ପୁସ୍ତକର ବିଷୟବସ୍ତୁ ।

ମୋର ପିତୃପ୍ରତିମ ସ୍ୱାଧୀନତା ସଂଗ୍ରାମୀ ଶ୍ରୀଯୁକ୍ତ ଆକୁଳାନନ୍ଦ ବେହେରା, ଶୁଭେଚ୍ଛୁ ବନ୍ଧୁ ଅଧ୍ୟାପକ ଶ୍ରୀଯୁକ୍ତ ଭାଗବତ ପ୍ରସାଦ ରଥ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରାଧ୍ୟାପକ ଡକ୍ଟର ବୈରାଗୀ ଚରଣ ଜେନା, ମୋର ପ୍ରିୟ ଗୁରୁ ଅଧ୍ୟାପକ ଶ୍ରୀମାନ ଗୋବିନ୍ଦ ପଣ୍ଡା ଏବଂ ପ୍ରଥମ ରଙ୍ଗିନ୍ ଓଡ଼ିଆ ଚଳଚିତ୍ରର ପ୍ରଯୋଜକ, ସୌନ୍ଦର୍ଯ୍ୟ ପିପାସୁ ରସଗ୍ରାହୀ ଶ୍ରୀଯୁକ୍ତ ସୁବିମଳ ଚନ୍ଦ୍ର ମଲ୍ଲିକ ମୋତେ ବହୁ ଭାବରେ ଉତ୍ସାହିତ କରିଛନ୍ତି । ଏବଂ ପରିଶେଷରେ ବାଲେଶ୍ୱରର ଶ୍ରୀଯୁକ୍ତ ତ୍ରୈଲୋକ୍ୟ ନାଥ ଦାସ, ଲେଖକ ଓ ଗବେଷକ ଶ୍ରୀଯୁକ୍ତ ଲକ୍ଷ୍ମୀକାନ୍ତ ତ୍ରିପାଠୀ ଏବଂ କବି ଶ୍ରୀ ଗଙ୍ଗାଧର ବିଶ୍ୱାଳ ତ୍ରିତୟଙ୍କ ସାନିଧ୍ୟରେ ଆସି ତ୍ରିବେଣୀ ସଙ୍ଗମର ପୁଣ୍ୟଫଳ ପାଇଛି ।

ବିନୟାବନତ

ଲେଖକ

Digitized by srujanika@gmail.com

॥ ମତ୍ସ୍ୟଜୀବୀ ॥

ମତ୍ସ୍ୟଦେଶର ମତ୍ସ୍ୟଜୀବରେ,   କି ମନାସିରେ
କାନ୍ଧରେ ପକାଇ ଭଉଁର ଜାଲ
ପିଠିରେ ଧରଣ ଢେଲାଏ ଶୋଲ
ଅଣ୍ଟାରେ ଖାଲୋଇ ଦିଶେ ଉଭଲ
        ଫୁଟୁବେ ଭୀଷଣ କଳା ବଉଦ
        ଘୋଟି ଆସିଲାଣି ଥୂଆ ବିପଦ
ପିଟିବ ବରଷା ଘାଇଁ ଘାଇଁ
ଦେହରେ ବାଜିବ ଗୁଇଁ ଗୁଇଁ
        ଭସିବ ପଥର ବୁଡ଼ିବ ଶୋଲ
        ହରିବୋଲ ଭାଇ ଗୋବିନ୍ଦ ବୋଲ ।

ଗହନ ବନ ବାସିନ୍ଦା ପରି,   ଯାଉଛୁ ଚଳି
ପୃଷ୍ଠେ ଠେଙ୍ଗାମୁଣ୍ଡେ ଗାଞ୍ଜିଆ ଠାଙ୍ଗି
କାନ୍ଧେ ଧନୁସମ ବାଂଶ ବାହୁଙ୍ଗି
ହାତେ ପ୍ରିୟସାଥି ପୋହଳ ସଙ୍ଗୀ
        ଆସୁଛି କରାଳ ବାଆ ବତାସି
        ବାଆ ବତାସିରେ ହେବତୋ ଫାଶି
ଉଠିବୁ ପଡ଼ିବୁ   ଧଇଁ ସଇଁ
କାନ୍ଦିବୁ ବିକଳେ   କଇଁ କଇଁ
        ଭାଙ୍ଗିବ ପୋହଳ ବୁଡ଼ିବ ଭେଳା
        ସାହାସିଆ ପଣେ ହେଲେହେଁ କେଳା ।

Digitized by srujanika@gmail.com

ଆଜ ଗଙ୍ଗାଦେବୀ ପ୍ରଳୟଙ୍କରୀ,   ଅନର୍ଥ କରି
ଭୟଙ୍କର ସ୍ରୋତ ଉନ୍ମାଦେ ମତ୍ତ
କୂଳ ଲଙ୍ଘେ ନଦୀ କୁଳଟାବ୍ରତ
ପ୍ରବଳ ଘୂର୍ଣ୍ଣନ   ଅନବରତ
ପର୍ବତ ଓଝାଳ ବଢ଼ିଛି ନଈ
ବଢ଼ିଛି ନଈରେ କହ୍ବନୁହଇ
ସାପ ପଡ଼ିଲେ ଛିଡ଼ି ପଡ଼ିବ
କୁଠା ପଡ଼ିଲେ ତଳେ ବୁଡ଼ିବ
ପଶିଲେ ପାଣିରେ ସାହସେ ଆଜ
ପୋଛିବ ଯମରେ ତୋହର ପାଞ୍ଜି ।

ବରଡ଼ା ପତ୍ର ପରିଏ ଦେହ,   ଥରୁଛି ରହ
ଦଦରା ନାଆରେ ଯାଉଛୁ ଚଢ଼ି
ବଡ଼ ମଙ୍ଗେ ଯେବେ ବସିବୁ ପଡ଼ି
କାତ ମାରି ଦେଲେ ହେବ କି ଗଡ଼ି
ହାଡ଼ ଦୋହଲାଇ ଆସୁଛି ଶୀତ
ପ୍ରବଳ ଶୀତରେ ନୋହୁଛୁ ଭୀତ
ରକ୍ଷା ନାହିଁକି ପଖିଆ ନାହିଁ
କନା ନାହିଁକି କତରା ନାହିଁ
ପହଁରି ଧରିବୁ ମାଛକୁ ପାରି
ଜାଡରେ ମକର ନେବ ଘୋଷାରି ।

ମେରୁ ଦେଶର ମଣିଷ ସମ,   ତୋ ପରାକ୍ରମ
ମୁଣ୍ଡରେ ନାହିଁତୋ ସୁନ୍ଦର ଠେକା
ଅଣ୍ଟାର ବସନ ପିଠିକୁ ଟେକା
ଏହ୍ବକରେ ତୋର ସମ୍ବଳ ଏକା
ପଡ଼ୁଛି ଜାକର ବରଫ ପରି
ତୋ ପାଷାଣ ଦେହ ଭେଦି ନପାରି
ଝରଣା ସମ ପଡ଼ଇ ଝରି
ମନରୁ ଆଣ୍ଟେ ଯାଉ ସମ୍ଭାଳି
ମାରିବ କାଲୁଆ ହେବୁ ବେହୋସ
ମରିବୁ ଆଗରୁ ଥାଉ ଆଇସ ।

Digitized by srujanika@gmail.com

ସାହେବ ଘର ପାଦକୁ କାଢ଼ି,   ଯାଉଛନ୍ତି ମାଡ଼ି
ଭୁଣ୍ଡୁ ଘୁଡୁ ଧୂଆଁ ଉଡ଼ି କାହାର୍କି
ଅନ୍ଧାରେ ଦେଉଛନ୍ତି ଉଜଳ ଜାଳି
ଆଜକରେ ଚୋର ପଡ଼ୁଛି ପାଳି
    ଘରଆଡେ ଯୋଟି ଅଛି କୁହୁଡ଼ି
    ନଷ୍ଟେ ଆଜି ପଥ ଗିବୁରେ ହୁଡ଼ି
ବାଟକ ଅବାଟ ନପଡେ ଜଣା
ଦନକ ଘଡ଼ି କରାଏ ବଣା
    ସଞ୍ଜକ ସକାଳ ବାରବା ପାଇଁ
    ଅନ୍ଧାର ନାହିଁକ ଉଜଳ ନାହିଁ ।

ପିଶାଚ ଘରାଏ ଚୋର ଆଗୁର,   ନାହିଁ ବଗୁର-
ଘନ ଘୋର କାଳ ରାତ୍ରୀ ନିଶ୍ଚିତ
ଜନ ପ୍ରାଣୀ ସବୁ ସୁଖେ ଶାୟିତ
ନିଶାଚର ବଡ ହେଉ ଧାବିତ
    ଜଗତେ ପୂରଛି କେଡେ ଅନ୍ଧାର
    ସସାଗରା ଧରା କି ଏକାକାର
ଲଠାକ କଣ୍ଟା ନ ମାନୁ ତିଠିଲ
ପଡ଼ିବୁ ଖାତେ ଅଥବା ବଳେ
    ହେବ ସର୍ପ ଘାତ ଭୂତ ହାବୁଡ
    ହାତୁ କହୁଣୀକୁ ବନ୍ଧିବ ଗୁଡ ।

ଖାଇଛନ୍ତିକି ଆଜି କ୍ଷୀର ଖେଚୁଡ଼ି,   ମାର ହେଉଡି
ବାବୁ ଭଲ ହଲ ଠହଲ ଗୃଲି
ଚରଣ ଯୁଗଳ ଗୃଳ ନଗୃଳ
ହେବ ମୁହଁ ବଙ୍କା ଲଗିବ କାଳି
    ନ ପାରିବୁ ପଶି ବନ୍ଧ ଜଗିଆ
    ଅଛନ୍ତି ନାଟୁଆ ନଟକୁଟିଆ
ନେଉନ୍ତୁ କାଲି ସାଆଁନ୍ତେ ଭେଟି
ଛାଡ଼ ଖାଇବୁ ନେଉଛନ୍ତି ଚେରେଣ୍ଟି
    ସେଥି ପାଇଁ ରାଗ ସାଆନ୍ତଙ୍କର
    ସାଆଁନ୍ତାଣୀ ଖପା ଚେଚେଷେ ଜର୍ଜର ।

Digitized by srujanika@gmail.com

ଆଜ କମ୍ପା ଏତେ ଦେଖାଉ ବେଲ, ଚୌପଦ ମେଲ—
ଖୋଜନ୍ତୁ ମୁଣ୍ଡେ କ ସୁନ୍ଦର ପାଲ
ମାର ପାନଖିଲ ଓଠ ତୋ ନାଲ
ବେପରୁଆଁ ଘବେ ଧରନ୍ତୁ ଜାଲ
ଜଗିଛନ୍ତ ବାବୁ ବେଳହୁଁ ଆସି
ଟ୍ରେପା ଛଡ଼ାଇବେ ପିଠି ଆଉଁସି
କଁ'ଳେ ଜହ୍ନବେ କଥା ଗୃଦ୍ଧଆ
ପଡ଼ିବୁ ତାଙ୍କ ପାଲେ ବୁଦ୍ଧିଆ
ବାଛି ବଡ଼ ମାଛ ନେବେ ଖୋଜିକି
ତୋ ହକ ପାଉଣା ଦେବେ କାଲକି !

କମ୍ପା ସହୁ ମିଛେ ଏତେ କଷଣ, ବିନା କାରଣ—
ଏତେ ବଡ଼ ଜାଲ ଘର କାନ୍ଧର
ଧଇଁସଇଁ ହୋଇ ଚକ୍ଷୁ ପ୍ରଖର
ନାହିଁ ଜଳଟୋପେ ଗଣ୍ଡ ମଧର
ବହୁଥିଲା ନଦୀ ଦ'କୂଳ ଖାଇ
ବର୍ଷେ ତା'ର ଜଳ ଟୋପାଏ ନାହିଁ
ଥିଲା ପୋଖରୀ ଭୁଠ ଉଛୁଳି
ଫାଟିଛି ହୃଦ ହୁଏ ଆକୁଳି
ମେଲିବୁ କାହିଁ ତୋ ମାରଲା ଜାଲ
ଭରିବୁ ପାଇବୁ ଉପୁର ମାଲ !

ମରୁଦେଶର ମଣିଷ ସମ, ତୋ ପରାକ୍ରମ—
ମଧ୍ୟାହ୍ନ ବେଳରେ ଶ୍ରାନ୍ତ ସଭିଏଁ
ନ ଦିଶନ୍ତି ପଶୁ ପକ୍ଷୀ ଗୋଟିଏ
ଧରନାହୁଁ ଝାମ୍ପି ଚଲାରଟିଏ
ଫାଟିବ ମୁଣ୍ଡରେ ପ୍ରଚଣ୍ଡ ଖରା
ବାଳାରୁଣ ନୁହେ ମାର୍ତ୍ତଣ୍ଡ ପରା
ଖରା କାଟୁଅଛି ଠାଇଁ ଠାଇଁ
ଫୁଟଇ ବାଉଁଶ ଠାଇଁ ଠାଇଁ
ଚେତା ବୁଡ଼ି ଶୋଷେ ହଂସା ଉଡ଼ିବ
ଘରଣୀ ତୋହର ବସି ବାନ୍ଧବ ।

Digitized by srujanika@gmail.com

କେଡ଼େ ବହପରେ କେଡ଼େ ସାହସ, କି ସର୍ବନାଶ—
ବେଲ ଗଡ଼ନାହିଁ ମୁଣ୍ଡ ଉପର
ଆଶ୍ରିଛନ୍ତି ସର୍ବେ ଯାହା ବାସର
ଭୁହି କରେ ଏକା ବାହାପି ନର
ପ୍ରବଳ ବେଗରେ ବହୁଛି ଝାଞ୍ଜି
ଫ ନ ପେଟରେ ଜାଉ କି କାଞ୍ଜି
ତାଡି ଯାଏ ଘୋଡ଼ ଗୁଇଁ ଗୁଇଁ
ଫୁଟଇ ବାଉଁଶ ଠାଇଁ ଠାଇଁ
ଶିଝି ରକ୍ତ ମାଂସ ବେଗେ ଆକ୍ରାନ୍ତ
ହୋଇଲେ ଖାଇବୁ ତବତ ଘାତ ।

ମତ୍ସ୍ୟ ଦେଶର ମତ୍ସ୍ୟଜୀବରେ, ନମାନୁ କଟରେ—
କଲେ କେତେ ମନା କେତେ ବାରଣ
କହିଲେ ବିପଦ ନାନା କାରଣ
କରିଅଛୁ କେଉଁ ଦୀକ୍ଷା ଗ୍ରହଣ ?
କାହା ସାହସରେ ଯାଉଛୁ ଚଳି
କାହା ବଳେ ଭୁହି ଖେଉଛୁ ବଳୀ
ଅନ୍ଧ କି ମୂକ ଅଟୁ ବଧିର
ଏଡ଼େ ଗର୍ଜନେ ନଶୁଣୁ ଟୀର
ଧନ୍ୟ ତୋ ଉଦ୍ୟମ ଶ୍ରମ ଲାଳସା
ସ୍ଥଳେ ଜନ୍ମି ଜଳେ କରୁ ବେଉସା ।

ବଞ୍ଚିବାକୁ ଭଲେ ତୋ ଦୁଃଖ ଅନ୍ତ, କାହିଁ ଶକତ ?
ଫୁଙ୍ଗୁଳା ଦେହ ତୋ ନୁଖୁରା ବାସ
ଉଭଟ ଉତ୍କଟ ଶ୍ରମ ପ୍ରୟାସ
ତଥାପି କମାଏ ଭେକ ଉପାସ
ନୋହୁ ତୁ ବଧିର ଅଛି ତୋ କାନ
କାହା କାନ ହେବ ତୋହ ସମାନ
ଶୋଇ ହିଡରେ ବାରି ଶବଦ
ବିବର କନ୍ତୁ ହୋଇ ଦରଦ
ମାଛ କାଢ଼ୁ କେହ୍ନେ ଶୂନ୍ୟ ଜାଗାରୁ
ବିବର କେସନ ତୁ କଳାପାରୁ ।

Digitized by srujanika@gmail.com

ମୂକ କପଟ କହିବ ସତେ, କହ କେମନ୍ତେ—
ଖ୍ଲେଟ ମାଛଟାଏ ଜାଲୁ ଡେଇଁଲେ
କେତେ ରଡ଼ି କରୁ ଗଛ ଦୋହଲେ
ରହୁ ଜାଲେ ମାଛ ନଥିବ ଭଲେ
ରଡ଼ି ରଡ଼ି ଏକା ଦିନକୁ ଦିନ
ଛିଡ଼ି ଛିଡ଼ି ଆୟୁ ହୁଅଇ କ୍ଷୀଣ
ଶୁଣି ଶୁଣିରେ ତୋ ଦୁଃଖ ରଡ଼ି
ମଗଜ ମୋର ଯାଏ ବିଗିଡ଼ି
ଆକାଶ ପାତାଳ କେତେରେ ଘିବେ
ଦୁଃଖ ତୋର ଯିବ କାହା ଛୁଘିବେ ।

ନୋହୁ ଅନ୍ଧ ଅଛୁ ଚକ୍ଷୁ ଯୁଗଳ, କେତେ ନିର୍ମଳ
କାହା ଆଖି ହେବ ତୋ ଆଖି ସରି
କେ ବାରିବ ଅନ୍ଧକାରେ ତୋ ପରି
ଆଖି ବୁଜି ନଦୀ କେହେବ ପାରି ?
ଜଳରଙ୍ଗ ଦେଖି ମାଛ ତୁ କହୁ
ଜଳେ ବୁଡ଼ି ମାଛେ ଖାଲୋଇ ଭରୁ
ଆଖି ଦୁଇ ତୋ ଅନୁବୀକ୍ଷଣ
ଅଥବା କରେ ଦୂରବୀକ୍ଷଣ
ଦୂରଦୃଷ୍ଟି ହୀନ ଅଦୂରଦର୍ଶୀ
ଆଖି ଥାଉ ଅନ୍ଧ ଅନ୍ଧବିଶ୍ୱାସୀ ।

ନମାନିଲୁ ବୋଲି ମୋ ସାନକୁହା, ନୋହୁ ଦୋରୁହା
ରହିଗଲେ ଘରେ କଷଣ ମଣି
ଖରା ବର୍ଷା ଶୀତ ନୋହି ସହଣି
ବଉଦ ବତାଶି ବିପଦ ଗଣି
ନାହିଁ ଅନ୍ୟ ରାହା ଅର୍ଜନ ପାଇଁ
ଠିଆ ଉପବାସ ପାଳିବୁ ଘାଇ
ସମ୍ପତ୍ତି ବାଡ଼ି ସଞ୍ଚିନୁ କଛି
ବସି ଖାଇବୁ ମନ ମୁରୁଛି
ପେଟ ପାଇଁ ହେଉ କି ଛଟପଟ
କରୁ କାମ ସିନା ତୁ ପଟାପଟ ।

॥ ୬ ॥

Digitized by srujanika@gmail.com

ଆହା ମର୍ତ୍ୟଜୀବୀ ନୋହୁ ଏକାକୀ, ଅଛନ୍ତି ବାକି—
ଦକୋଡ଼ ଦଗୁର ମରଦପଣ
ସମବୟସୀ ତୋ ହୃଦପସର
ତା ହୃଦ କାଗରେ ପଢ଼ନ୍ତୁ ଧର
ବଣି, ଷୋଳ, ସାତ ଭନୋଟି ପୁଅ
ଭନୋଟି ପୁଅରେ ଗୋଟିଏ ଝୁଅ
ବାଡୁଅ ବଡ଼ କୋଳେ ସୁବର୍ଣ୍ଣ
ବନ୍ଧ ବୟସୀ ସୁନା ଦୁଲ୍ହିତ
ଅଶି ବରଷର ତୋ ମାଆ ବାପ
ଦେଇ ଥାଏ ବୁଢ଼ୀ କାନରେ କାପ ।

ଦମ୍ପତି ଅନ୍ତର ଶୁଦ୍ଧ ମିଳନ, ନୂହେ ବନ୍ଧନ
ସେ ଦାମ୍ପତ୍ୟ ସୁଖ ଭର ଆନନ୍ଦ
ହସ ଲୁହ ହୁଏ ସ୍ୱର୍ଗ ସମ୍ପଦ
ଭ୍ରୂକ୍ଷେପ ନଥାଏ ବାଧା ବିପଦ
ବାସର ଘରୁ ପରାଣ ପାତି
ନବ ବାଳା ପ୍ରେମେ ଉଠିଲେ ମାତି
ଦେଉଥିବ ବାଳା ଅଙ୍କ ମେଲାଇ
ତା ଅଙ୍କ ପଲଙ୍କେ ପହୁଡ଼ ଯାଇ
ସମ୍ଭୋଗି ସରଗ ସୁଖ ସଂପଦ
ଯାବତ ଚନ୍ଦ୍ରାର୍କେ ଥିବ ଆବଦ୍ଧ ।

ସୃଷ୍ଟି ଲୀଳା କ୍ରମେ ଯୋଗ୍ୟ ମାଧ୍ୟମ, ଦମ୍ପତି ଯୁଗ୍ମ
ସର୍ବ ସୁଖ ଦୁଃଖ କର୍ମ କଷଟେ
ଜୀବନ ସଂଗ୍ରାମ ଯାତ୍ରା ସଙ୍କଟେ
ଉଜ୍ଜ୍ୱଳ ଆନନ୍ଦ ତହିଁ ପ୍ରକଟେ
ସ୍ନେହ ଶ୍ରଦ୍ଧାନ୍ୱିତ ଗୃହସ୍ଥାଶ୍ରମ
ଦାନ ପ୍ରତିଦାନେ ମହା ମହିମ
ସ୍ୱଧର୍ମନିଷ୍ଠ କର୍ତ୍ତବ୍ୟ ବୋଧେ
ସୃଷ୍ଟି କଲ୍ୟାଣ ଲୀଳା ବିନୋଦେ
ପରସ୍ପର ପ୍ରେମେ ପରାଣ ବିକ
ସହଜ ମୁକତି ପଥ ପଥିକ ।

Digitized by srujanika@gmail.com

ସ୍ୱାମୀ ସ୍ତ୍ରୀ ସଂସାର ସାର ସଂପଦ, ଶୁଭ ସୁଖଦ
ସ୍ୱଭାବ ସୁଲଭ ସାରଲ୍ୟ ବଶେ
ସ୍ୱପ୍ନିଳ ସମ୍ଭୋଗ ରସ ରହସ୍ୟ
ସମଧର୍ମୀ ସେବା ସୌହାର୍ଦ୍ୟାଦର୍ଶେ
ସୃଷ୍ଟି ସଂରକ୍ଷଣେ ଶ୍ରେଷ୍ଠ ସ୍ଥପତି
ସ୍ନେହ ସାହଚର୍ଯ୍ୟ ସୁଦୃଢେ ସ୍ଥିତି
ସୁଖ ସ୍ୱାଚ୍ଛନ୍ଦ୍ୟ ସିଦ୍ଧି ସାଧନେ
ସୁହୃଦ୍ ସାଥୀ ସହାବସ୍ଥାନେ
ସାବଲୀଳ ସ୍ନେହ ଶ୍ରଦ୍ଧା ସହଂତି
ସାର୍ବଭୌମ ଶୋଭା ଶୀର ସମ୍ପତି ।

ବିଧିର ବିଧାନ ପ୍ରତିବିଧାନେ, ବିଶେଷ ଧ୍ୟାନେ—
ପତି ପତ୍ନୀ ପ୍ରେମ ଭାବ ବିହ୍ୱଳେ
କ୍ଲାନ୍ତ ଶ୍ରାନ୍ତ ଶ୍ରମ ସ୍ୱେଦ ସମ୍ବଳେ
ସ୍ୱାବଲମ୍ବୀ ନିଜ କର୍ମ କୌଶଳେ
ନିତ୍ୟ ସହଯୋଗୀ କର୍ମେ ଆସକ୍ତ
ପ୍ରେମ ପଞ୍ଚାମୃତ ପାନେ ପ୍ରମତ୍ତ
ଜୀବନ ପଙ୍କେ ଦୃଢ଼ ବିଶ୍ୱାସୀ
କର୍ମ କଷଣେ ସ୍ୱତଃ ପ୍ରୟାସୀ
ଦ୍ୱିଧା-ଦ୍ୱନ୍ଦ୍ୱ-ହୀନ ଦ୍ୟୁଲୋକ ଦ୍ୟୁତି
ଦମ୍ପତି ଚେତନାଶ୍ରିତ ଦିବ୍ୟ ଦୈବୀ ସମ୍ପତ୍ତି ।

ମନ ମୁତାବକ ସଙ୍ଗିନୀ ପାଇଁ, ତୋ ପୁଅ ଧାଇଁ
ବୁଲି ଗାଆଁ ଗଣ୍ଡା କନ୍ଦ ଅକନ୍ଦ
ବୃଥା ଭୂଆଁବୁଲି ବିଶେଷ ଧନ୍ଦ
ଶେଷେ ମନଲଖି ହୋଇଲା ଛନ୍ଦ
ଗୋରଚନା ଗୋସ୍ୱ ଛଞ୍ଚାଣ ଭଳି
ସନ୍ଧି ଝରାତର ସୂକ୍ଷ୍ମ ସବଳ
ନାଠମଣ୍ଡୁର ନାକରେ ମଣ୍ଡି
ତା ତଳେ ଖଞ୍ଜି ଭୂଲିକ ଦଣ୍ଡି
ମେହେନ୍ଦୀ ହଳଦୀ ମାଖିଲେ ଅଙ୍ଗେ
ଜଠ ଛୁଣ୍ଡାଇବେ ଋଷି ପ୍ରସଙ୍ଗେ ।

Digitized by srujanika@gmail.com

ଗଜଯୋଟକ କ କରାଇ ନର୍ତ୍ତ, ହୋଇଲା ବର୍ଷା
ଭଲ ଭେଟାଭେଟି ବଗବଗୁଲି
ହାସ ପରିହାସ ଥଟ୍ଟା ଚଗୁଲି
ଆଡ଼ ରୁଷା ଚୁପି ଭୁଞ୍ଜା ମାମୁଲି
କୁତୁକୁତୁ କଥା ଲଥା ପୋହଳି
ଚୁନ୍ନ ଚୁନ୍ନ ଗପ ସପ ପଞ୍ଚଳି
ଘୁଙ୍ଘୁଟକ ଟାହି ଟାପର
ଢଗଢମାଣି ଗୀତ ବେସୁରା
ବଳି ଟୁଆଁଟୁଇଁ ଟୁପୁରୁ ଟାପ
ଫୁସୁଫାଶେ ହୁଏ ସବୁ ନିଶାପ ।

ବନ୍ଧ ହୋଇଥିଲା ପୁଅ ଚୋ ଜଣେ, ରସିକା ପଣେ
ଘୋର ନିଶା ହୁଏ ନିଦ୍ରା ସୁଖଦ
କୁଆ କୋଇଲିର ନଥାଏ ଶବ୍ଦ
ନୂତନ ପ୍ରଣୟୀ ଲଭେ ସଂପଦ
ଥିଲା କୋଳେ ତା'ର ନବ ଛଇଳି
ଗୁଣ୍ଡି ଏକା ତାକୁ କାହିଁସେ ଚଳି
ନବ ବିବାହି ନବ ନବୀନା
ବଧୂର ସ୍ୱାମୀ ସାନ୍ନିଧ୍ୟ ବିନା
ହୋଇନି କ୍ଷତତା ସିନ୍ଦୂର ଟୋପା
ଖସିନି କରଠ ଭଉଁରି ଥୋପା ।

ଚକୋର ଫରଏ ତାର ବେଖର, ପେଶୁରେ ସ୍ବର—
ଅର୍ଦ୍ଧରଜନେ ଚେତ ପ୍ରେୟସୀ କକ୍ଷ
ଯାଏ ଯେତେବେଳେ କରି ଅରକ୍ଷ
ଜାଗି ବସି ଗଲେ ତାହାର ବକ୍ଷ
କାଳିଆ କହ୍ନା ତ ନଟ ନାଗର
ଦଗା ଦିଆ ସିନା ରସିକା ବର
ମଥା ମଣିତା କାଳିଆ ସୁନା
ମଉନେ ଲୋତକ ହୁଅଇ ଚନା
ପରାଣ ସୋଦର ସିଏ ତାହାର
ସହଜେକ ତାକୁ ଭୁଲି ହେବାର

Digitized by srujanika@gmail.com

ତା'ବୁକୁ ବେଦନା ବୁକୁରେ ମରେ, ରହେ ଅଧୀରେ
ନେଇଥିଲେ ତା'କୁ ସ୍ୱର୍ଗେ ତୋଳି
ରଙ୍କନଧି ଅଙ୍କେ ନଣଙ୍କେ ଦୋଳି
ନବଢ଼େ ନରେନ୍ଦ୍ର ହୁଅନ୍ତା କୋଳି
        ଗୁମାନେ ବସନ୍ତା କୁଭୁଟକେ ରୁଷି
        ମିଛ ରୋଷ ଭଙ୍ଗି କରନ୍ତା ଖୁସି
କହନ୍ତା କେତେ ଅନ୍ତର କଥା
ଦଗଧ ହୃଦ ମରମ ବ୍ୟଥା
        ଆକାଶ ପାତାଳ କସ୍ୱଇ ତୁଳ
        ଚାହୁଁଲେ ଡ଼ାକନ୍ତା ଆନନ୍ଦ ବଉଳ ।

ଏହିପରି ତୋର ଭେଣ୍ଡିଆ ପୁଅ, ଦେଖେ ତା ଦେହ
ଷୋଳ ବରଷର ଗଜା ଭେଣ୍ଡିଆ
ଢଣଇ କେସନେ ମିଚକୁଟିଆ
ମୁଣ୍ଡରେ ବାଜନ ତା'ର ପାନିଆଁ
        କାନ୍ଧରେ ଧରନ ପାଣି ଗାମୁଛା
        ରହସିଆ କଥା ନକରେ ପୃଚ୍ଛା
ନାହିଁ ତା ବେକେ କାଇଞ୍ଚ ମାଳ
ପିନ୍ଧବ କାହିଁ ବାଡ଼ଆ ଲୋଳ
        ବଡ ସ୍ୱାନମାନ ଗଜା ଭେଣ୍ଡିଆ
        ରସିକା ଖଣ୍ଡିଏ ନୁହେ ଖଣ୍ଡିଆ ।

ମାଛ ମାରି ନେଉ ବାଲ୍ମୁତ ସୁତ, ଆଶେ ବହୁତ—
ସାତ ବରଷର ବାଲ୍ମୁତ ପରି
ସହିବ କେସନ ବରଷା ଖରା
ତୋ' ସରି ସମାନ ନୁହେଁରେ ପରି
        ବୋଲୁ ଦୁଃଖୀଧନ ଗଣ୍ଠି ସଙ୍ଗାଳ
        ଅନ୍ଧର ଲଉଡ଼ି ଗଳାର ମାଳ
ସାମାନ୍ୟ ଦୋଷେ ତାହାକୁ ଦଣ୍ଡୁ
ଅତି କୋପରେ କାତ ଦଗାଣ୍ଡୁ
        ପିତା ହୋଇନାହିଁ ବାତ୍ସଲ୍ୟ ପ୍ରୀତି
        ସଂସାରେ ସାରରେ ସାହାର ଗୀତି ।

॥ ୧୦ ॥

Digitized by srujanika@gmail.com

ଦେଖ ନନ୍ଦାକୁ ତୋ ଖାତିର ନାହିଁ, ଜୀବନ୍ତ ବାଇ—
ସାତ ବରଷର ବାଳୁତ ସୁତ
ହୁଅନ୍ତା ସେ କେତେ ଗୁଣରେ ଯୁତ
ଭବିଷ୍ୟ ସକଳ କରୁଣ ହୃତ
ବଡ଼ ଅଲଅଳ ପୁଅରେ ଚଗ
ଗେଲ ବସରିଆ ହୃଦ ପସରା
ସରଷ ମୁହଁ ଯାଇଛନ୍ତି ଝୁଲି
ତୋ କୋଳେ ବସି ନ କରେ ଅଳି
ଅଟେ କଟରେ ସେ କି ଟିକି ଚଢେଇ
ଟିକିଏ ପାଣିରେ ବୁଡ଼ି ମରଇ ।

ବାଲ୍ୟ ସୁଲଭ ଚପଳତାରେ, ବୁଲିବା କାଳେ
ଦେଖି ଦେଇ ପାଶେ ବାଲି ହରିଣ
ଅପାର ଆନନ୍ଦ ହୃଦେ ଭରିଣ
ଗୋଡ଼ାନ୍ତା ତା ପଛେ ଫୁଲି ଉଠିଣ
ଝାଉଁବନେ ପଶି ହୋଇ ବେଦମ
ଏବ ପର ଖୋଷି ହୁଅନ୍ତା ରାମ
ଧରି ସଜୋରେ ମଗର ଖଣ୍ଡା
ରାବଣ ଦଳ କରନ୍ତା ଲଣ୍ଡା
ପିନ୍ଧ ରଙ୍ଗେ ରଙ୍ଗରଙ୍ଗିଆ ଅଙ୍ଗା
ଭସାନ୍ତା ନଈରେ କାଗଜ ଡଙ୍ଗା ।

ଦେଉ କଉତୁକେ ବାଲି ଘୋଷରା, ଧରୁ ହଂସରା
ଗେଣ୍ଡାଳିଆ ଦଳ ଦେଖି ଆକାଶେ
ସ୍ୱଭାବ ସୁଲଭ ସାରଳ୍ୟ ବଶେ
ମାଛ ମାଗୁଥାନ୍ତା ତାହା ସକାଶେ
କହ୍ନ ଗେଣ୍ଡାଳିଆ ବଢ଼ାଇ ଧୂଁ
ଭୁଲନ୍ତା ସେ ଭାବ ସେତୁ ମୁହୁଁ
ବୁଲନ୍ତା ସୁଖେ ଗୁନ୍ଥି ଫୁଲାଇ
ଚଳିବା କୂଳେ ଗୀତ ମେଲାଇ
ଗୁଡ଼ିକଙ୍କ ଧରି କରନ୍ତା ଖେଳ
ବାଲିରେ ତୋଳନ୍ତା ବଡ଼ ଦେଉଳ ।

Digitized by srujanika@gmail.com

ସମୁଦ୍ର ପନ୍ତାରେ ଥାଆନ୍ତି ଭୁଲି, ଖାଇବା ଭୁଲି
ବାଛୁ ଝିକମିକ ଗେଣ୍ଡା ଶାମୁକା
ପିନ୍ଧନ୍ତି ଗୋଡ଼ରେ କରି ଝୁମୁକା
ନାଚନ୍ତି ଅଧରେ ଦୁମୁଦୁମୁକା
ଦେଖି ଧାଉଁଥାରେ ବାଲି କଙ୍କଡ଼ା
ନାଲି ଟହଟହ ଗୋଡ ବାଙ୍କଡ଼ା
ଯାଉ ନଯାଉ ପଶଇ ଗାତେ
ଖୋଳନ୍ତି କେତେ କୋମଳ ହାତେ
ଶେଷେ ଯାଇ ଥକ ଜାବୁଅ ଗୋଳ
ଭରି ଦେଲେ ତାକୁ ଆଣନ୍ତି ତୋଳି ।

ବାଟେ ନୂଆଁ ନବଡଣୀ ଦୁହିତା, ଲୁହି ତା' ପିତା
ଲହରି ବୟସୀ ଲହଡ଼ା ଜଣି
ଲବଙ୍ଗ ବରନ ଶ୍ୟାମଳ ତନ୍ୱୀ
ନଟୋଳ ନଗୋଲ ନହାଭରଣୀ
ସରିତ ସାଗର ସଙ୍ଗମ ସ୍ଥଳି
ଘନ କୃଷ୍ଣବନ ଲୀଳା କମଳି
ବଳନବେଳା ବାଲିହରିଣୀ
ଫେନିଳ ନୀଳ ଲହରି ଜଣି
ଶ୍ୟାମଳିମ ଝାଉଁ ବନ ପ୍ରତିମା
ନୀଳ ମହୋଦଧି ସୁନ୍ଦରୀ ସୀମା ।

ଧନ୍ୟ ସାଗର କୂଳକାମିନୀ, ମନମୋହିନୀ --
ପୂତ ଗଙ୍ଗା ଦେବୀ ପୂଜା ପ୍ରସାଦେ
ନିତ୍ୟ ନିରଳସ କର୍ମ ସମ୍ପାଦେ
ଭିଡେ ବଡ଼ଜାଲ ବାଦ,ନୁବାଦେ
ରତ୍ନାକର ରେଣୁ ମୁଖ ପରଶି
ଶ୍ରମ ଝାଳେ ମୁକ୍ତା ଯାଏ ବରଷି
ଲହରି ତାନେ ନାଚଇ ତଳି
ପାଦ ସଞ୍ଚାଳି ଭଳିକି ଭଳି
ସୌନ୍ଦର୍ଯ୍ୟ ପିପାସୁ ସିନ୍ଧୁ ସୈକତେ
ପିଏ ସେ ମାଧୁରୀ ପ୍ରାଣ ଭରିତେ ।

Digitized by srujanika@gmail.com

କୁମାରୀ କାଉଁରି ମାଧୁରୀ ସ୍ପର୍ଶେ, ମନ ହରଷେ—
ବାହୁ ଠିକ ଠିକ କଅଁ ପାଖୁଡ଼ା
ବଣମଲ୍ଲୀ ସଙ୍ଗେ ବାନ୍ଧଇ ଜୁଡ଼ା
ଲଘିଂ ବନ୍ଧବାଡ଼ ବକୁଳ ହୁଡ଼ା
ବୁଲେ ବେଳେ ବେଳେ ବଜନବେଳା
ବାଳିବନ୍ତେ ବାଳା ଝରଚେ ଖେଳା
ହେଲେ ଅଗାଧ ଜଳ ପହଁରି
କୁଟିଳ ଚକ୍ର ବକ୍ର ଭଉଁରି
ସାହସୀ କଳଙ୍ଗ କୁଳକୁମାରୀ
କଲଭ ଅଶ୍ରତ ସ୍ତୁତି ଉଖାରି ।

ଜନ୍ମି ତୋ ଘରେ ହୀନ କପାଳ, ପଡ଼େ ମଉଳ
ନନେବ ସେ ତୋର ସମ୍ପତ୍ତି ବାଣ୍ଟି
ନଦେବୁ ତ କିଛି ଗହଣା ଗାଣ୍ଠି
ସହିଯିବ କରେ ତୋହର ପାଣ୍ଠି
ବଡ଼ ହେଲେ ଦେବୁ ଗୁଣା ଚପୁଟି
କେ କାଟି ଦେଉଛି ତୋହର ଚୁଟି
ଗୃହୀଆପଲେ ନାହିଁ ଯୋଗାଡ଼
କହୁ ଜନମି ଥିଲୁ ଅଗାଡ଼
ବୋହୁ ମାଛ ଭଡ଼ ଥିଲୁ ସେ ଜାଲି
ତା ଅର୍ଥନେ କଣା ହୁଅନ୍ତା ମାଲି ।

ଝିଅ ଜନ୍ମ ସିନା ପର ଘରକୁ, କାଳକାଳକୁ—
ଝିଅ ଦିଅ ରଖି ନୁହେଁ ଉଚିତେ
ଗୁମରି ଉଠଇ ସୀମା ଅଛିତେ
କରୁ ଘରୁ ବଦା ତା'କୁ ତୁରିତେ
ଗଢ଼ିବ ତାହାର ନୂଆ ସଂସାର
ନୂଆ ସଂସାର ତା ଜୀବନେ ସାର
ସୁଖେ କରିବ ଘର ଦୁଆର
ସବୁ ଅରପି ସ୍ୱାମୀ ପୟର
ପର ଘର ସିନା ତା' ଭାଗ୍ୟ ଲେଖ
ଚକ ଘୂରିଯାଏ କାଁପର ଦେଖ ।

Digitized by srujanika@gmail.com

ମାଛ ବକ ଯାଏ ପରୀଣପାତ୍ତି, ସ୍ୱତ ପାନ୍ତି —
ଷୋଳ ବରଷର ଯୁବତୀ ବାଳୀ
ଚୋରଚନା ଚୋଗ ପଡ଼ୁଛି କାଳ
ପିନ୍ଧା ବାସେ କେତେ ପକାଇ ତାଳ
    ଷୋଳ ବରଷର ଯୁବତୀ ବାଳୀ
    ନାଇନି ଅଳତା କରଣ କାଳ
ମହମ ମାର ପାଉନ ମାଙ୍ଗ
ସୁନା ଭୂଷଣ ନାହିଁ ତା ସାଙ୍ଗ
    ମୁଣ୍ଡ ଛତା ତାର ଗୋଡ଼ ଚପିଲ
    ଗୁଡ଼ ଫୁଟେ ପାଦେ ଭୁଣ୍ଡ ପୋଛିଲ ।

ହଜମାଛ ଦେଇ କ ପୁରସ୍କାର, ହୁଏ ତାହାର —
କଏ ବା କହନ୍ତି କୋମଳ ଭାଷେ
ଏବେ ମୂଲ ନାହିଁ କାଲକୁ ଆସେ
କାଲି କାଲି ବୋଲି ପୂରଇ ମାସେ
    ପିନ୍ଧା ଓଢ଼ାବାସ ଦେହରେ ଶୁଖେ
    ଦେଖେ କା ତୋରଣି ନଦିଏ ମୁଖେ
ପେଟ ପଛକେ ପିଠିକି ଯାଉ
ମହତଟିକ ନଯାଇ ଥାଉ
    ଦଶକୋଣ ବାଟ ଧାଏଁ ସେ ନିତି
    ବେଳ ନ ବୁଡୁଣୁ ଆସେ ଝଟତି ।

ମାଛ ବକା ଶେଷେ ମାଗିଲେ ମୂଲ, କି ହୁଲସ୍ଥୁଳ
ନାଣ୍ଡି ପଣ୍ଡି ତାଣି ଢାଉଳ ତୁଣ୍ଡି
ଗେଡ଼ ଶୁଣ୍ଢି ଆଣି ଓଟେଇ ମୁଣ୍ଡି
କେତେ ଯେ କଜଆ ଖୋଷଣି ହୁଣ୍ଡି
    କହନ୍ତି ଢାଳଇ କେତେ ଭଣ୍ଡି
    ତୁଣ୍ଡି କେଶଣ୍ଡି ଆଣି ଦଉଣ୍ଡି
ଗଣ୍ଡି କି ମୂଣ୍ଡ ଯତନେ ମଣ୍ଡି
ସମସ୍ତ ଉଣ୍ଡି ଲେ ଲଣ୍ଡି ଭଣ୍ଡି
    ଝଣ୍ଡିଆ ଦଣ୍ଡି ସେ ନେଇଛୁ ଭଣ୍ଡି
    ଯେ ଆସିଲେ ଫାଣ୍ଡି ଦେବେଲେ ଚଣ୍ଡି ।

Digitized by srujanika@gmail.com

ରହୁଥିଲେ ପୂର୍ବେ ସ୍ୱାମୀ ତା ପାଶେ, ନିଃସଙ୍ଗ ନାଶେ
କବି କାଳିଦାସ ଶେଉଳଗିଛି
ବୁଦ୍ଧି ବଳେ ତାକୁ ମାରିଲେ ପଟି
ଦେଖିଲେ କାନ୍ତ ତା ସ୍ୱାମୀ ଲେଉଟି
ଶଠେ ଶାଠ୍ୟମନ୍ତ ଦେବାର ପାଇଁ
ଟୋପିଦାସ ପାଶେ ହାବୁଡ଼ି ଯାଇ
ମାଛର ଫଳ ଖାଇଲେ ଟୋପେ
ଫଳ ଖାଇଲେ ଆପଣେ କୋପେ
ସ୍ୱାମୀ ନଥିବାରୁ ଆଜି ତା ପାଶେ
ଠକନ୍ତି ତାକୁ କେ କେତେ ବିଶ୍ୱାସେ ।

ବରଷ ସାକରେ ଯେତେ ପରବ, ପାଳେ ସରବ—
ଚଇତ ପୁନିଅଁ, ଅମ୍ବ ଅମାଁସ୍ୟା
ଦୁଖୁକୁଣି ଓଷା, ବ୍ରତ ସୁଦଶା
ବଡ ଉପାସରେ ନକହ୍ନି ଖଷା
ମଗୁଶୀରେ ଲକ୍ଷ୍ମୀ ହର୍ଷେ ପୂଜିଲା
ନବଲ ଗଡ଼ସିବା ଶାଶୁ ଜାଣିଲା
ବାଗରେ ଜଳି ପକାଇ ତାଳି
କରିଲା ଗାଳି ଗଞ୍ଜଣା ବଳି
ହରିମ ସତେ ସେ ଭୁଛାକୁ ଏତେ
ମୁନ୍ଦ ନାହିଁ ଗୋଡ଼ କଣ୍ଢେ କେତେ ।

ମତେକ ସେ ଅଟେ ଅରଟପାଟି, ଥାଏଟି ଖଟି
ସ୍ୱାମୀ ସୋହାଗିନୀ ହୋଇନ କେବେ
ଶାଶୁ ମେତେ ଭାବେ ଭଆର ଥିବେ
ସେ ଭଆରଣକୁ ନଡ଼ିଏଁ ଲେବେ
ଶାଶୁ ଶ୍ୱଶୁରଙ୍କୁ ଘର ତା ଡର
ଦିଅର ନଣନ୍ଦ ସାଥୀ ସୋଦର
ବୁଢ଼ାବୁଢ଼ୀଙ୍କୁ ସେବା କରିବା
ବୋଲି ହାକକୁ କିବା କହିବା
ଚନ୍ତୀ ଘର କଣ୍ଡା କାଠିକୁ ବଳି
ମାଛକୁ ନହେଲେ ଶୁଖାକୁ ଚଳି ।

Digitized by srujanika@gmail.com

ଥିଲା ତା ବକ୍ଷଦେଶେ ଯୋଜନଗନ୍ଧା, ଚପଳଛନ୍ଦା
ଜଟେଦ୍ରସ୍ୱ ଋଷି ସେ ପରାଶର
ତା' ରୂପ କାନ୍ତିରେ ହୋଇ ଜର୍ଜର
ରଚିଲେ ତା ସଙ୍ଗେ ପ୍ରୀତି ସତ୍ୱର
ଜନମିଲେ ଋଷି ମହର୍ଷିବନ୍ଦ୍ୟ
ହୀତିକୃଷ୍ଣ ବ୍ୟାସ ଜଗତବନ୍ଦ୍ୟ
ବିରଚି ଗଲେ ମହାଭାରତ
ଗୀତା ପୁରାଣ ଶ୍ରୀଭାଗବତ
ଯାହେନ ଭାରତ ଜଗତେ ଖ୍ୟାତ
ତା' ଗର୍ଭେ ଜନମି ତୁ ଅପଖ୍ୟାତ ।

ଶୁଣିବୁ ପୁରାଣ ପତନ କଥା, ହରିବ ବ୍ୟଥା —
ଗଙ୍ଗା ରଙ୍ଗ ସଙ୍ଗ ବିଭଙ୍ଗ ହନୁ
କାମାନଳେ ତନୁ ଦାହିଶାନ୍ତନୁ
ହେଲେ ରାଜକାର୍ଯ୍ୟ ବିସୋରିମନୁ
ବିରହ ବେଦନା ନିବାରଣାର୍ଥେ
ବିଜୟୁ ବିନୋଦ ବିହାର ରଥେ
ଧୀର ସମୀରେ ଯମୁନା ତୀରେ
ଦିବ୍ୟ ସୁଗନ୍ଧେ ଚଳିସତ୍ୱରେ
ଭୁବନ ମୋହିନୀ କୈବର୍ତ୍ତି ସୁତା
ବିଲୋକି ପ୍ରଣୟେ ଆତ୍ମବିସ୍ମୃତା ।

ପ୍ରାଣ ବିନିମୟେ ପ୍ରଣୟ ପ୍ରାର୍ଥୀ, ସେ ମହାରଥୀ
ସତ୍ୟବତୀଙ୍କି ପିତୃ ସମ୍ମତି
ପ୍ରୀତି ସ୍ରୋତସ୍ୱିନୀ ହୃଦେ ଜାଗୃତି
ସେ ସ୍ରୋତେ ନୃପତି କୈବର୍ତ୍ତିକତି
ତନୁଜାତନୟୁ ରାଜ୍ୟମନାସି
ସମ୍ମତେ କୈବର୍ତ୍ତ ରାଜା ହତାସି
ପିତୃପ୍ରଣୟୁ ପିପାସାନାଶେ
ଗାଙ୍ଗେୟୁ ଦେବବ୍ରତ ପ୍ରକାଶ୍ୟେ
ଚିର ବ୍ରହ୍ମଚାରୀ ଭୀଷ୍ମ ବିକ୍ରାନ୍ତ
ଇଚ୍ଛା ମୃତ୍ୟୁ ଲଭି ଜଗତେ ଖ୍ୟାତ ।

Digitized by srujanika@gmail.com

ଦାରୁଣ ବନ୍ଧରେ ବଡ ଦାରୁଣ, ଦିଏ କଷଣ
ଅର୍ଶୀଆ କାଳର ମସିଆ ବୁଢ଼ୀ
ଗାଁ ବୁଢା ନଟାକାଙ୍କ ଯେ ସାନଖୁଡ଼ି
ଏବେ ବି ଭାଜଇ ଟେରମ ମୁଢ଼ି
ହାଡ଼ ଚମ ନାହିଁ ଉଠଇ ଧଂସ
ଧୂଡ଼ୁ ଧୂଡ଼ୁ କାଶି ହୁଏ ଅବଶ
ବାହୁନ କେତେ ଅଷ୍ଟାଛ ମୁଖ
ବକଲେ କାନ୍ଧ ମିଳାଏ ମୁଖ
ହାଉଳି ହେଉଛି ବାଉଳି ପରି
ବେଳେବେଳେ ବସେ ଡ଼ାହୁକ ପରି ।

ପାଟିକ ମନେ ଚୋରାଣି ନାହିଁ, ରହେ ସେ ଗୁହିଁ
ବଞ୍ଚିଛି ଆହୁରି ଚେମିଣି ବୁଢୀ
ଖାଇ ଖଡା ବଡ଼ି ଫୁଟିକାକୁଡ଼ି
ଖାଏ କଇଁ ମାଡ଼ି ଗଲେ ହାବୁଡ଼ି
ବୋଲି ହୋଇ ନାହିଁ ତେଲ ହଳଦ
କଳା କଟି ମିଟି ପିନ୍ଧିବା ଖଦ
ଶାସ୍ତ ନାନୀର ମୁଣ୍ଡରେ ଜଟ
ଗାଁଆଣି ଲଗି କରଇ ନାଟ
ଯନ୍ତର ମନ୍ତର ଜାଣେକ ବୁଢୀ
ଜଟେ ଝାଡ଼ି ସେଗ ଦିଏ ଘଉଡ଼ି ।

ଖଣ୍ଡି ମଣ୍ଡଳର ଡାକ ଜାଲୁଆ, ଜଗା ଡାଙ୍ଗୁଆ
ଅଶୀ ବରଷର କେହେବ ଯୋଡ଼ି
ଗୁଡରେ ପଡୁଛି ଧୋବଲ ଥୋଡ
ବାଉଁଶ ଫାଳଆ ରଣପା ଗୋଡ଼
ଚମ ଓହଳିଛି ପାକଲ ବୁଢା
ଜଡା ମାଖି ବାଳେ ବାନ୍ଧିନ ଜୁଡ଼ା
କାଳକାଣ୍ଡରେ ବାଙ୍କି ମୁହାଁଣେ
ଜାଲ ମାରଲ ଆପଣା ଠାଣେ
ବାଜଛି ସାଙ୍କୁଚ କଣ୍ଠା ଗୁଡରେ
ଝୁଇଁ ଝୁଇଁ ବନ୍ଧେ କାନ୍ଦେ ଅଧରେ ।

Digitized by srujanika@gmail.com

କରିଥିଲ ପୂର୍ବେ ସେ କେଉଁ ପାପ, ଭୋଗୁଛୁ ଶାପ—
ଏତେ ବୁଢ଼ା ହୋଇ କେଲା ସାହାସ
ସତର ଗଇଣ୍ଠା ପିନ୍ଧିବା ବାସ
ତଥାପି ହୁଅଇ କେତେ ନିରାଶ
        ଦାନ୍ତ ନାହିଁ ଗୋଟେ ପାକୁଆ ପାଟି
        କାମୁଡ଼ ପଡୁଛୁ ତା ଭିଟା ମାଟି
ପ୍ରକୃତିଟିକ ନଚଳେ ଭଲେ
ହୋଇ ନୂତନ ସାର ନଖିଲେ
        ରଙ୍ଗ କାଢ଼ିବାକୁ ବଟୁଆ ଖୋଲ
        ପାଞ୍ଜିଆରେ ନାହିଁ ପଇସେ ବୋଲ ।

ଅନନ୍ତ ପାଶେ ନାଚ ନାଚୁଣି, ତା ଝୁଲ ମୁଣି—
କହୁନ ଜେଜେ'ମା ମଜା କାହାଣୀ
ଶୁଖିଲା କାଠରୁ ବହନ୍ତା ପାଣି
ବହୁଥାନ୍ତା ହାସ୍ୟ ରସ ଉଜାଣି
        ଟୁଆଁ ଟୁଇଁ କଥା ଟୁବି ଗାଡ଼ିଆ
        ଚକୁଳିଆ ପଣ୍ଡା ସରବଖିଆ
ଶୁକ ଶାରିକା ବେତାଳ କଥା
ତ'ପୋଇ ହୃଦ ମରମ ବ୍ୟଥା
        କାମାକ୍ଷା ଦେଶର କାଉଁର କାଠି
        ବୁଢ଼ୀ ଅସୁରୁଣୀ କେବେହେ ମଲାଟି ।

ମତ୍ସ୍ୟଜୀବୀ ଘର ହୋଇ ବାମନା, ମୋରେ ରଗନା
ପାଳୁଛୁ ବୋଲି ତୋର ମହତ
ବଖାଣୁଛୁ ବୋଲି ଅପ୍ରିୟ ସତ
ହାଉଳି ମନରେ ବାଉଳା ବତ
        ତୋପରି ଦଳିତ ପତିତ ଭଳି
        ନନ୍ଦା ଅପବାଦେ ନଯାଇ ଭଳି
ଆଦର୍ଶ ପାଇଁ ନପାରି ମରି
ରହିଛେ ଦମ୍ଭେ ଜୀବନ ଧରି
        ତତଲ କରେଇ ଦୁଃଖ ଧନାର
        ତହିଁ ଘଷି ମୁହିଁ ରହିଛି ସାର ।

Digitized by srujanika@gmail.com

ଆଖି ଥାଉ ଥାଉ ଅନ୍ଧ ଜୁହ୍ନିରେ, ନଦେଖୁକରେ—
ମୀନ ମାରିବାକୁ ହରଷ ଭରେ
ଚନ୍ଦ୍ର ଯେବେ ଜ୍ୟୋତ୍ସ୍ନା ଓଢ଼ଣୀ ପରେ
ସୌନ୍ଦର୍ଯ୍ୟ ପିପାସା ନାହିଁ ଅନ୍ତରେ
ହୁର ହ୍ନର ହୁଏ ସ୍ୱର୍ଗ ସମ୍ପଦ
ନକରନ୍ତି ସଂଗ୍ରହ ବନ୍ଧୁ ଦରଦ
ରଜନୀ ଗନ୍ଧା ସୁଗନ୍ଧ ହରି
ମଳୟ ବାତ ବହଇ ଥରି
ଝିଙ୍କାରର ବୀଣା ଝଣା ନସ୍ୱନ
କର୍ଣ୍ଣେ ପଡ଼ିଲେବି ହେଉ ମଉନ ।

ଧନ୍ତୁ ମାଛ ଯେବେ ପଶି ସରରେ, ନଦେଖୁ ଥରେ—
ଗୋଟି ଗୋଟି ତାରା ଥାଆନ୍ତି ଫୁଟି
ମିଟିମିଟି କରି କରଣ ଛୁଟି
ରୂପାଥାଳି ଯେହ୍ନେ ଜହ୍ନମାମୁଁଟି
ଓହ୍ଲାଇ ଆସନ୍ତି କୁମୁଦ ବନ୍ଧୁ
କୁମୁଦିନୀ ବକ୍ଷୁ ପିଅନ୍ତି ମଧୁ
ଫିଙ୍ଗୁଛୁ ଜାଲ ହୋଇ ଅଧୀର
କୁମୁଦେ କରି ପ୍ରେମ ବିଧୁର
ଖଣ୍ଡ ଖଣ୍ଡ କରୁ ସରଗଶଶୀ
ସଲିଳ ରାଶିରେ ଗୋଳାଇ ମସି ।

ଦେଇଥିଲେ ପାଇ ବୁଣିଲେ ଜାଇ, ନହେଲେ କାହିଁ—
ପଦ୍ମକଣ୍ଟା ବାଜି ଦେହ ତୋ ଛିଦ୍ର
ହୁଏ ବନ୍ଧବାରୁ ରାତି ଉନିଦ୍ର
ଧରି ଶଶୀନାଶ ଆଣେ ଦାରିଦ୍ର୍ୟ
ନପଡ଼ଇ ଜାଲେ ସେ ରୂପାଥାଳି
ଗଳି ଜାଲୁ ଖେଳେ ସେ ଲୁଚକାଳି
ପାଖକୁ ଗଲେ ଶେଉଳ ଭଳି
ଦୂରେ ଘୁଞ୍ଚି ସେ ହସଇ ଝଳି
ନ ମେଣ୍ଟାଏ ଜହ୍ନ ତୋର ପିପାସା
ଅପୂର୍ଣ୍ଣ ରହେ ତୋ ଉତୁଳା ଆଶା ।

Digitized by srujanika@gmail.com

ନିଶି ଶେଷଯାମେ ଯେବେ ତୁ ଯାଉ, ନଭେଗି ଥାଉ
ମହୀରୁହଗଣ ଲତିକା ସଙ୍ଗେ
ହୋଇ ଗନ୍ଧପୁଷ୍ପ ଭୂଷିତ ଅଙ୍ଗେ
ଫିଙ୍ଗନ୍ତି ତୋ ଅଙ୍ଗେ ମାତିବା ରଙ୍ଗେ
ବେରସିକ ଭାବେ ଯାଉଛୁ ଚଳି
ଉପହାର ତାଙ୍କ ପାଦରେ ଦଳି
ନରେଖିତୋର ବିଷମ ଭ୍ରାନ୍ତି
ଚଖାନ୍ତିନ ସେ ମଧୁର ପ୍ରୀତି
ଆସିଲେ ମଧୁପ ହୋଇ ହରଷ
ନଶାଃଙ୍କେ ଦିଅନ୍ତି ପୀରତି ରସ ।

ଜଳେ ବୁଡ଼ି ଉଠୁ ପୁନମା ରାତେ, ଦେଖୁକି ସତେ—
ଜ୍ୟୋତ୍ସ୍ନା ସ୍ରୋତସ୍ୱିନୀ ଦେହେ ବହଇ
ଥରଥର ଥରି ଝରି ପଡ଼ଇ
ଜକମକ ହସି ସେ ଝଟକଇ
ତୋ ନୁଖୁରା ଦେହ ଲୋମଶମୂଳ
ବିନ୍ଦୁ ବିନ୍ଦୁ ଜଳ ଥାଆନ୍ତି ଝୁଲି
ଶୋଷି ଅନନ୍ତ କୋଟି ବ୍ରହ୍ମାଣ୍ଡ
ପ୍ରତି ସଲିଳ ବିନ୍ଦୁ ପ୍ରକାଣ୍ଡ
ବିରାଟ ପୁରୁଷ ହେବୁ କି କହ
ବ୍ରହ୍ମାଣ୍ଡମାନଙ୍କୁ ଦେହରେ ବହି ।

ପୁଷେ ଘୁସୁଘୁସୁ ଚଳଇ ବେଳ, ସାରିଆ ଖେଳ—
ମାଘେ ବାଘ ପରି ଆସଇ ଶୀତ
ଫଗୁଣ ଫଗୁରେ ହୁଏସେ ହତ
ପଡ଼ିଥାଏ ଚୂତ ଶବର ବତ
ଶୁଭେ ଦୋଳବେଳ ମେଳଣ ଗୀତ
କବି ରବି ଭଣା ଚମ୍ପୂ ସଙ୍ଗୀତ
ଗୋପାଳ କୃଷ୍ଣ ଭଞ୍ଜ ଉପେନ୍ଦ୍ର
ଶିକଟି ଟିକ ରାଜ ନରେନ୍ଦ୍ର
ଯଦୁମଣି ସାଲବେଗ ଯବନ
ସାମନ୍ତ ସିଂହାର ଭକ୍ତ ଚରଣ ।

|| ୨୦ ||

Digitized by srujanika@gmail.com

ବିତଳକୁ ଆଲିଙ୍ଗନ ସମ୍ପ୍ରୀତି, ତୋ ଜାତିଗୀତି
ରଘୁନାଥ ଡାକେ ନୋହ୍ନି ବଧିର
ବିତର୍କେ ବୋଲଇ ଖାର ଧୀବର
ବାଞ୍ଛି ବିକଳପେ ବର ଦେବର
ପଥରେ ପଥର ଅବଳା ଶୁଣି
ବାଲପଡ଼ ନୌକା ନାୟିକା ଗୁଣି
କୁଟୁମ୍ବ ପୋଷେ ବୃତ୍ତି ଉଚ୍ଛେଦେ
ପାଦ ଧୋଇବା ମନାସି ହୃଦେ
ଧୋଇ ଭବଗ୍ରାହୀ ପଦ୍ମ ପଦ୍ମରେ
ବଞ୍ଚାମି କୈବର୍ତ୍ତ ହେଲୁ ବଶ୍ୟରେ ।

ନୋହ୍ନି ଦ୍ଦ ଗାୟକ ଚମ୍ପୂ ଚୌତିଶା- ଗାନେ ତୋ ନିଶା
ବାହୁ ବାହୁ ନାବ ପକାଇ କାତ
“ଗଲ୍ପଣି ତ ଗଲ୍ପ କଥା ସଙ୍ଗାତ”
ନଚୁଇ ଲହରେ ଲହର ଶତ
ଢେଉଁମାନେ ଉଠେ ନୃତ୍ୟେ ବିଭୋର
କେହି ତାଳ ଶୁଣେ କି ବିଷଧର
ତୋଳଇ ବନ ବିହଗ ପାଳି
ବାଲହରଣ ନପାରେ ଗୃହି
ବିଚିତ୍ର ବରନ ବିଭବେ ମାତି
ଚକ୍ଷୁ ନାସା କର୍ଣ୍ଣ କରୁ କି ତୃପ୍ତି ?

ଦେଖି ଶୁଣି ଜାଣୁ କାନ୍ଦେ ବସୁଧା, ହୋଇ ବିକ୍ଷୁବ୍ଧା
କାହିଁ ସେ ପାହାଡ଼ ବଣ ଜଙ୍ଗଲ
ଆମ୍ବ, ନିମ୍ବ, ଜାମୁ, ପଣସ ତାଳ
କେନ୍ଦୁ, କୟାଁ, ବର, ଅଶ୍ୱଥ, ଶାଳ
ନାହିଁ ଶୁଆ ସାରି, ପେଚା ଡାହୁକ
ବାଦୁଡ଼ି, ମୟୂର ଏରା, ଉଲୁକ
ଗୋଧି, ବାରହା, ମୃଗ ସମ୍ବର
କୁଟୁରା, ଝିଙ୍କ, ଭାଲୁ, ଗୟଳ
ପଶୁ ପକ୍ଷୀ, ବୃକ୍ଷ ଲତା ବିହୁନେ
ସୃଷ୍ଟି ସମ୍ଭବିବ କହ କେସନେ ?

Digitized by srujanika@gmail.com

ସକଳ ସମ୍ପଦ ହୋଇଛି, ମୂଳ, ପ୍ରକୃତ କୋଳ—
ଅନନ୍ତ ଅଖଣ୍ଡ ପ୍ରକୃତ ଗଣୀ
ରୂପ, ରସ, ସ୍ପର୍ଶ ଗନ୍ଧ ବନ୍ଧାଣୀ
ଶାନ୍ତ ସୁଖ ପ୍ରୀତି ସୁଠମ ଠାଣି
ସକଳ ଶାଶ୍ୱତ ସଚ୍ଚିଦାନନ୍ଦ
ଗୁଣାନ୍ୱିତ ଶୁଦ୍ଧ ଆନନ୍ଦକନ୍ଦ
ସଦା ପ୍ରସନ୍ନ ନିତ୍ୟନୂତନ
ସଦା ପ୍ରଫୁଲ୍ଲ ହର୍ଷ ବଦନ
ଅବ୍ୟୟ, ଅକ୍ଷୟ, ଅବିନଶ୍ୱର
ପରମାତ୍ମା, ସତ୍ୟ ଶିବ ସୁନ୍ଦର ।

କବି କଳ୍ପନା ମାନସ ଜଣି, ସୃଷ୍ଟି ରୂପିଣି
ସୁଭଦ୍ର, ସୁଖଦ, ବରଦାୟୀ
ଚରାଚର ବ୍ୟାପୀ ଲୀଳାମୟୀ
ଛବିଳ, ଛଇଳା ଆନନ୍ଦଦାୟୀ
ଶିକ୍ଷୟିତ୍ରୀ, ଧାତ୍ରୀ କନକଗାତ୍ରୀ
ପାଳୟିତ୍ରୀ, କର୍ତ୍ତ୍ରୀ ସକଳଦାତ୍ରୀ
ଦୟାଦାକ୍ଷିଣ୍ୟ ପ୍ରୀତି ମଧୁର
ଜ୍ଞାନ ବିଜ୍ଞାନ କୋଠ ଭଣ୍ଡାର
ଶରଣ ରକ୍ଷଣ ସାନ୍ତ୍ୱନାଦାୟୀ
ପ୍ରଶାନ୍ତ ଉଦାର ଆଶା ଆଶାୟୀ ।

ବୁଝି ନପାରେ ଅୟି ସଙ୍ଗିନୀ, ବିଶ୍ୱମୋହିନୀ
ସର୍ବ ଉପମେୟ ଉପମା ଖଣି
କବିର, କଳ୍ପନା ମୁକୁଟମଣି
ପ୍ରଶାନ୍ତ, ଉଜ୍ଜ୍ୱଳ ପରଶମଣି
ପ୍ରେୟସୀ, ଶ୍ରେୟସୀ, ସୁଖସଙ୍ଗିନୀ
ରୂପସୀ, ଷୋଡ଼ଶୀ, ନବରଙ୍ଗିନୀ
କାନ୍ତକୋମଳା ଲାବଣ୍ୟବତୀ
ଶାନ୍ତ ସରଳ ପ୍ରଶାନ୍ତ ସତୀ
ଅମୃତ ପରଶି ରୂପ ମାଧୁରୀ
ଲଳିତ ମଧୁର ଶୋଭା ସୁନ୍ଦରୀ ।

Digitized by srujanika@gmail.com

ବଳି କାଳାନଳ କି ଭୟଙ୍କର, ମହାସାଗର
ଭୀଷଣ ଗର୍ଜ୍ଜନ ମହାସମୁଦ୍ର
ସୃଷ୍ଟି ସଂହାରଣେ ସାକ୍ଷାତରୁଦ୍ର
ସେଥି ହୋଇ ପୁଣି ଗଭ ଉନଦ୍ର
ସ୍ୱର ଗଙ୍ଗାଦେବୀ ପଡ଼ିବୁ ଡେଇଁ
ଅନନ୍ତ ନୀଳିମେ ନଯାଇ ଦେହ୍ଳି
ଧରିବୁ କେତେ ବିଚିତ୍ର ଜୀବ
କ୍ଷୁଦ୍ର ବୃହତ ନାନା ସ୍ୱଭାବ
ମନ ମୁଗ୍ଧକର ରଙ୍ଗବେରଙ୍ଗ
ବିଚିତ୍ର ବିରୂପ ଢଙ୍ଗବେଢଙ୍ଗ ।

କେତେ କଉଶଳ ଅଛନ୍ତି ଜାଣି, ସମୁଦ୍ର ପ୍ରାଣୀ
ସମୁଦ୍ରର ଜୀଉ ଉଦ୍‌ଗାରି କାଳି
ଇନ୍ଦ୍ରଜାଲ ପାଶେ ହେଲ ତା ଢାଳ
ଇନ୍ଦ୍ରଜିତ ଯୁଦ୍ଧ ହୁଅଇ ଗୃଳ
ଗୋଡ଼ ମେଲି ତା'ର କଇଞ୍ଚ ଠାଣି
ସମୁଦ୍ର କଙ୍କଡ଼ା କାଟଇ ପ୍ରାଣୀ
ବିଷାକ୍ତ କାଳି କୂଟକୁ ବଳି
ଗରଳଧାରୀ ଭଳକ ଭଳି
ସର୍ବାଙ୍ଗେ ସିଙ୍ଗାର ବନ୍ଧି କଣ୍ଟକ
ଧରୁ ନ ଧରୁଣୁ ରହେ ଅଟକ ।

ଭାଗ୍ୟ ତୋହର ନୁହେରେ ଟାଣ, ନୋହିଲେ ପୁଣ-
ମୁକୁତା ଯାଉଛି ସମୁଦ୍ରେ ଝୁଳି
ନଆଣି ତୋଳିସେ ସରବ ଧରି
କି କାର୍ଯ୍ୟ ହୋଇବ କହୁଛୁଁ ରଳି
କେଡ଼େ ଝକମକ କେ ବର୍ଣ୍ଣିଦେବ
ଅନଭିଜ୍ଞ ହେଲେ ସାଉଁଟିନେବ
ମୁକ୍ତାଶାମୁକା ନପଡ଼େ ଜାଲେ
ରତ୍ନ ଲୁଭକ ନାହିଁ ତୋ ଭାଲେ
ଆସେ ନାହିଁ ଶଙ୍ଖ ଦକ୍ଷିଣାବର୍ତ୍ତ
ଫୁଙ୍କିଲେ ଘୁଞ୍ଚନ୍ତା ସକଳ ଆର୍ତ୍ତି ।

Digitized by srujanika@gmail.com

କଳିଙ୍ଗ ନିବାସ ସମୁଦ୍ର ବେଳା ଲହିଁତୋ ଖେଳା—
ଅନନ୍ତ, ଅଖଣ୍ଡ ନାହିଁତା କୂଳ
ସେଥି ଝେପା ବାନ୍ଧି ତୁ ହୁଲ ସ୍ଥୂଳ
ହୋଇ ଶୋଷ ବାରେ ନକରୁ ଭୁଲ
ଏବେ ସିନା ବୋଲୁ ଜଳ ଲବଣ
ଢେରେ ଖାଇ ଥାଉ ଜାଉ ଅଲଣା
କୁବେର ହୋଇ ଯକ୍ଷ ବନାଉ
ଲକ୍ଷେ ଅରଜ ପକ୍ଷିଏ ଖାଉ
ହୋଇ ସସାଗରା ଧରାଧିପତି
ସଂପତ୍ତି ବୋଇଲେ ବୋଲୁ ବିପତ୍ତି ।

ବଡ଼ ବଡ଼ ନଦୀ ଶିର ମଝିରେ ଥିବୁ ଗୁହିଁରେ
ତାର ହାତ କଲା ପୋତ ସଳଖି
ସୁଖଣ୍ଡିଆ ପଟା ତା'ପରେ ରଖି
ଖୁଣ୍ଟି ବାଣ୍ଟି କରୁ ଥିବୁ ତନଖି
ଉଠିବେଇଲସି ପଞ୍ଚ ମହର୍ଷୀ
ଲୁଣ୍ଠ ଲୁଚ ଯିବ କଲା ବାଇଁଶୀ
କରିବେ ବିଜେ ବୋହି ରାଜନ
ବୀର ବିକ୍ରମ ତେଜ ଲକ୍ଷଣ
ଦେବେ ଯୁବ ରାଜ ଠାକୁର ଦେଖା
ମାରି ଶେଷେ ସବୁ କଳିବୁ ଲେଖା ।

ଏତେ ଏତେ ବଡ଼ ନଦୀ ବହଇ ଦୁଃଖ ରହଇ
ସୁବର୍ଣ୍ଣରେଖାର ସୁବର୍ଣ୍ଣ କଣା
ନକରୁ ସଂଗ୍ରହ ହୋଇ'ବିମନା
ଜଳେ ମାଡ଼ ତାର ହେଉଛୁ ବଣା
ଦିନେ ରଣ ତରୀ ବାହି ବିକ୍ରମେ
ଜଳ ଦସ୍ୟୁ ତଡ଼ି ଘୋର ସଂଗ୍ରାମେ
ତାମ୍ରଲିପ୍ତିରେ ସ୍ଥାପିଲୁ ରାଜ୍ୟ
ପ୍ରତିଷ୍ଠା କରି କୈବର୍ତ୍ତ ରାଜ
ନାହିଁସେ ପିପିଲି ବନ୍ଦର ଆଉ
ରଣତରୀ ବାହି ଆଉ ନଯାଉ ।

Digitized by srujanika@gmail.com

ଅଙ୍କିତ ଇତିହ ତା ବକ୍ଷେ ଲେଖା, ସୁବର୍ଣ୍ଣରେଖା—
ଦୁର୍ଗ ଫୁଲହତା, ରାଇବଣିଆ
ବୀର ରକ୍ତପିଣ୍ଡେ ଗଢା ଯା ବୁଆ
ବିଷଣ୍ଣ ବଦନେ ଅନ୍ତକେ ଠିଆ
        ଜଳେଶ୍ୱର ଧୋଇ କଳକଲ୍ଲୋଳେ
        କମରଦା ଭୋଗ ରାଇ ସଂଖୋଳେ
ସୁବର୍ଣ୍ଣଦାନେ ସ୍ୱର୍ଗେ ଝଲସି
ବାଲିଆପାଳ ଉଚ୍ଚେ ପ୍ରଶଂସି
        ଯାମକୁଣ୍ଡେ ଭଜ ଭୂଷଣ୍ଡେଶ୍ୱର
        ଡାଳେ ପୂତମୀର ବଙ୍ଗସାଗର ।

ଶିମିଳିପାଳ କରିଯେ ଭଙ୍ଗ, ବନ୍ଧେ ବଲଙ୍ଗା
ସୋନ, ଗଙ୍ଗାହାର ତା'ର ସଙ୍ଗିମୀ
ତେମୁହାଁଣି ଛକେ ରଚି ତ୍ରିବେଣୀ
ସବାଇ-ସାମ୍ରାଜ୍ୟ ସମୃଦ୍ଧାନମୀ
        ସାନ୍ତାଳ ସଙ୍ଗୀତ ଭାବେ ବିହ୍ୱଳା
        ଛଉଛନ୍ଦ ବନ୍ଧେ ନୃତ୍ୟ କୁଶଳା
ମୟୂରଭଞ୍ଜ ମଞ୍ଜୁ ମଞ୍ଜୁଷା
ବରେହିପାଣି ପ୍ରପାତଭୂଷା
        ଭଞ୍ଜବଂଶଦେବୀ କୀଚକେଶ୍ୱରୀ
        ଚରଣେ ପ୍ରଣମେ ଦିବାଶର୍ବରୀ ।

ସର୍ବଦେବାଦେବୀ ଚରଣ ଲାଗି ବାଞ୍ଛେ ବଳାଙ୍ଗି
ରେମୁଣା ସମୀପେ ସପତସ୍ରୋତା
ଗୋପୀନାଥ ପଦ ପ୍ରାନ୍ତେ ନିଯୁକ୍ତା
ବଳାଙ୍ଗି ସାନ୍ନିଧ୍ୟେ ଧାଏଁ ପବନା
        ସୋରହାରକାଂଶ ବାଣ ଉଲ୍ଲାସେ
        ଢାଳେ ରାଧାନାଥ କାବ୍ୟ ତା ପାଶେ
ଲଙ୍ଗଳେଶ୍ୱର କର୍ଷିତ ଭୂମି
ପବନ ଆଣେ ଆପଣେ ଚୁମ୍ବି
        ରଙ୍ଗଣ ଶଗଡ଼ ବାଟୁଆ ଫୁଲେ
        ପୟୋଧି ପରଶି ଆପଣେ ଝୁଲେ

Digitized by srujanika@gmail.com

ଅଖଣ୍ଡ ଉତ୍କଳ ବାଣିଜ୍ୟ ଲକ୍ଷ୍ମୀ, ତା' ଅଙ୍କେ ଭୂମି
ହୀରା, ନୀଳା, ମଣି, ମୁକ୍ତା, ମାଣିକ୍ୟ
ଲଙ୍କ ଗଜମୌକ୍ତି ମୁକ୍ତ ମୋତିକ
ବୋଦ୍ଧ ବାଲେଶ୍ୱର ଶ୍ରେଷ୍ଠୀ ବଣିକ
      ସୂନା'ହାଟ ମୋଣ୍ଡିଗଞ୍ଜ ସାଫଲ୍ୟ
      ତୋଳଲେ ମାଣିକ୍ୟ ଖମ୍ବ ମୁଡଳେ
କାହିଁସେ ଶ୍ରେଷ୍ଠ ବନ୍ଦର ଧନ୍ୟା
ସାର୍ଥକ ସେନାପତି ବର୍ଣ୍ଣନା
      ସ୍ୱର୍ଣ୍ଣଚୂଡ଼େ ନାହିଁ ଦିଗଦର୍ଶନ
      ପୋତେ ଗୁନ୍ଦପୁର ଆଉ ଦିସେନା ।

ମେଘାସନ ଗିରିବର ନନ୍ଦନ, ସାଳନ୍ଦୀ ଧନ୍ୟ
କାଉପୁର ସୀତା କୁଣ୍ଡପାଳିକା
ସ୍ୱୟଂଭୂ ଅନନ୍ତ ଦେବ ସେବିକା
ଶ୍ରେଷ୍ଠ ପୂଜାରିଣୀ ଦପା ନାୟିକା
      ଭଦ୍ରକେ ପାନ୍ତୁଅ ଲଡ୍ଡୁ ଅର୍ପଣେ
      ପୂଜେ ଭଦ୍ରକାଳୀ ସେବା କାର୍ପଣ୍ୟେ
ବଇତରଣୀ ମଧୁର ସ୍ୱନେ
ଉଚ୍ଛୁଳି ଉଠି ଗମେ ତକ୍ଷଣେ
      ଆଖଣ୍ଡଳମଣି ପଦେ ବିଶ୍ୱାସୀ
      ଭୁଲେ ନିଜ ସତ୍ତା ଭାଗ୍ୟ ପ୍ରଶଂସି ।

ଉତ୍କଳେ ପବିତ୍ର ବଇତ୍ତରଣୀ, ତୀର୍ଥେ ମଣ୍ଡନ
ଗୋନାସିକା ଗିରି କନ୍ଦରୁ ଝର
ଖଣ୍ଡାଧାର ମାଲ୍ୟ ଗିରି ଜୁହାର
କେଉଁଝର ଗନ୍ଧମାର୍ଦନ ଜୁରି
      ଭୂୟାଁ ବୀଣାବାଦ୍ୟ ଲହରି ତାନେ
      ଜୁଆଙ୍ଗ ଜୁଆଙ୍ଗି ଯୁଗଳ ଗାନେ
ପ୍ରଚଣ୍ଡ ଖଣ୍ଡା ଧାର ପ୍ରପାତେ
ଘୋଷେ ସେ ଗୀତ ନିଶି ଦିନାନ୍ତେ
      ଠସର ପ୍ରସବା ଆନନ୍ଦପୁରେ
      ଅର୍ଦ୍ଧ ଚନ୍ଦ୍ରାକାରେ ଛନ୍ଦେ ମଧୁରେ ।

Digitized by srujanika@gmail.com

ନାଭିଗୟା କ୍ଷେତ୍ରେ ଗୁରୁ ଗୌରବେ, ପ୍ରସରି ସ୍ତବେ-
ବକ୍ଷେ ବିଗ୍ରହର ବୈଦ୍ୟନାଥ
ରମ୍ୟସ୍ଥଳରେ ସପ୍ତ ମାତୃକାସ୍ଥିତ
ଯଯାତି ଦଶାଶ୍ୱ ଘାଟେ ପ୍ରଥିତ
        ପଙ୍କଜା ବିରଜା ଅଭୟ ବରେ
        ବିପୁଳାୟତନେ ପ୍ରସରି ଖେଳେ
ଅଙ୍ଗୁ ଗେଙ୍ଗୁଟି ଧୂଏ ଗୋହିରୀ
ମୁକୁନ୍ଦଦେବ ରକ୍ତେ ଉର୍ବରା
        ସବରେ ବ୍ରାହ୍ମଣୀ ସଙ୍ଗେ ସମ୍ବନ୍ଧ
        ସିନ୍ଧୁ ପାଶେ ସେବେ ଧାମରା ଦେବୀ ।

ସରସ୍ୱତୀ ଶଙ୍ଖ କୋଏଲ ତିନି, ମିଶି ବ୍ରାହ୍ମଣୀ
ବେଦବ୍ୟାସ ପାଶେ ପ୍ରସରି ଖେଳା
ନାରଦାନେ ତୋଷେ ରାଉରକେଲା
ଲକ୍ଷ୍ୟେ ମାଲ୍ୟଗିରି ଦଣ୍ଡମେଖଳା
        ଶୃଙ୍ଗ ପରେ ଶୃଙ୍ଗ ଆକାଶ ଚୁମ୍ବି
        ବିସ୍ତୃତ ବିସ୍ତାରେ ଦିଗନ୍ତ ଲମ୍ବି
ନିବିଡ଼ ତରୁ ଲତା ଆଚ୍ଛାଦେ
ଛନ୍ଦାୟମାନ ସ୍ତୁତି ବିବାଦେ
        ଦୂର ଗିରିବର୍ତ୍ମେ ଝର ଶୀତଳ
        ଝରି ବ୍ରାହ୍ମି ଅଙ୍ଗ କରେ ଉଥାଳ ।

ଆଦିମ ଜାତିରା ସ୍ଥିର ନିବାସୀ, ଭକ୍ତ ବିଶ୍ୱାସୀ
କୋଡ଼ା, କୋନ୍ଧ, ଗଣ୍ଡ ସ୍ୱତନ୍ତ୍ରସ୍ଥିତା
ସ୍ଥୂଳେ ବାରହୁଏ ଗୋଷ୍ଠୀଭିନ୍ନତା
ତଥ ବଚସ ତା ଜାତି ଜନତା
        ଭୂଷଣ ରଙ୍କୁଣି ଉଉସାହାନା
        କାଚମାଳ ବଷ ଦଶି ଦଶେନା
ଯୁବା ଯୁଆନ୍ତ ନୈଶ ସଙ୍ଗୀତ
ବଂଶୀ ମାଦଳେ ତରଙ୍ଗାୟିତ
        ଗିରିବର୍ତ୍ମେ ପ୍ରତି ଧ୍ୱନିସେ ଗୀତ
        ସମୀରେ ସଞ୍ଚରି ସନ୍ତୋଷେ ଶ୍ରୁତି ।

Digitized by srujanika@gmail.com

କାନନ ଲକ୍ଷ୍ମୀଙ୍କ ସ୍ୱଚ୍ଛ ଦର୍ପଣ, ଭ୍ରାନ୍ତି ଅଙ୍ଗନ
ନିବିଡ଼ ନିରନ୍ଧ୍ର ଅଗ୍ନାଗ୍ନି ବନ
ତଳେ ମେଘ ଉଚ୍ଚେ ଗିରିଶୋଭନ
ବ୍ୟାଘ୍ର, ଭଲ୍ଲୁକ, ହସ୍ତୀ ଆବାସ ସ୍ଥାନ
କାହିଁ ଗମନ୍ତିଳା ଇନ୍ଦ୍ର ନୀଳାଭ
ମରକତ ହେମ ଚ୍ୟୁତ ପଲ୍ଲବ
ବି-କଳ ଛଳେ ବୀଣା ଝଙ୍କୃତ
ଝିଙ୍କାର ଧ୍ୱନେ ତରଙ୍ଗାୟିତ
ସ୍ଥାବର ଜଙ୍ଗମ ନିବାସ ସ୍ଥଳ
ରୂପ କଳ୍ପଲତା ଗିରି ଦୁହ୍ଲାଳ ।

ବନ୍ଧୁ ବିଡ଼ମ୍ବିତ ତା ଗନ୍ତପଥ, ଅନବରତ
ରୋହିଲ ସମୀପେ ଅକର୍ମଶୀଳା
ଗନ୍ତପଥ ରୋଧେ ହୋଇ ପ୍ରବଳା
ବନ୍ଧେ ଚନ୍ଦ୍ରକୂଟ ପାଶେ 'ଟିକର'
ଟିକ୍ରା ଧନକୃଷ୍ଣ ବର୍ଣ୍ଣେ ବ୍ରାହ୍ମଣୀ
ହୁଏ ସ୍ଥିର ଚିର ଚମ୍ପା ବରନ
ରଙ୍ଗେ ରେଙ୍ଗାଲି ରଙ୍ଗ ଅଙ୍ଗନେ
ବିସ୍ତାରେ ବର୍ଷ ସହସ୍ର ଗୁଣେ
ସମଲ ବ୍ୟାରେଜ ଯାଦୁ କୁହୁକେ
ସୃଜେ ମାୟାପୁରୀ ବିଦ୍ୟୁତ୍ ଝଲକେ ।

ବଣାଇରେ ବଣା ନୋହି କଣ୍ଟିତ, ବନ୍ଧେ ଭରିତ
ବାମଣ୍ଡା ମଣ୍ଡନା ପ୍ରଧାନ ପାଟ
ଉଚ୍ଚ ଭୃଗୁ ଡେଇଁ କରେ କୁହାଟ
ସୁଢଳ ଯୌକର୍ଯ୍ୟ ଧରଚେ ନାଟ
ବଜ୍ରଘୋଷେ ଝରି କରକା ଛଳେ
ଲକ୍ଷ ଇନ୍ଦ୍ରଧନୁ ସୃଜେ କୌଶଳେ
ବିଦ୍ୟୁତ୍ ଝଲକେ ମୁକ୍ତା ମାଳମା
ଜ୍ୟୋସ୍ନା ପୁଲକେ ପାରଦବର୍ଣ୍ଣୀ
ସୁଗନ୍ଧ କୁସୁମ କାକଳି ସ୍ୱରେ
ଡାକେ ପ୍ରତିମାର ଭ୍ରାନ୍ତି ଉଦରେ ।

Digitized by srujanika@gmail.com

ତାଳେ ତାଳେ ନାଚ ତାଳଚେରରେ, ହିଙ୍ଗୁଳା ବରେ-
ହିନ୍ଦୋଳେ ହାନ୍ଦୋଳ କେଳକଲ୍ଲୋଳେ
ଢେଙ୍କାନାଳେ ଢଳ ଢଳ ବହରେ
ଭ୍ରମି ଭ୍ରମି ଯାଏ ଭୁବନକୋଳେ
ଜଳ ପ୍ରଦୁଷଣେ ମତ୍ସ୍ୟ ଶ୍ରୀହୀନା
ଚଟଳ କେନାପୂରେ ହୋଇ ବମନା
ବଇତରଣୀ ମଧୁର ଧ୍ୱନ
ଶୁଣି ଅସ୍ଥିର କବା ବ୍ରାହ୍ମଣୀ
ସମାନାଧିକାର ସଂଖ୍ୟ ସଙ୍ଗତେ
ଚଟଳ ଗୃଦ୍ଧବାଲି ଧାମରାପଥେ ।

ମହାଦାନ ମହାନଦୀ ପ୍ରସିଦ୍ଧ, ସ୍ୱନାମସିଦ୍ଧ
ଉତ୍କଳ ଜାହ୍ନବ ସୁତନୁସୁତା
ବ୍ରଜରାଜ ନଗ୍ର ଇବ ସଂଯୁକ୍ତା
ହୀରାକୁଦ ଜଳ ଭଣ୍ଡାର ପୂତା
ଉତ୍କଳ ଜନନୀ ହୃଦସୁହାର
ବର୍ଣ୍ଣ ମହୋତ୍ସବ ଶୋଭା ଭଣ୍ଡାର
ସର୍ବତାଭାବେ ସୃଜନଶୀଳା
କଲ୍ୟାଣକଳା ନଧି ସୁଶୀଳା
ବନ୍ୟା ପ୍ରତିରୋଧେ ଅଗସ୍ତ୍ୟୋଦର
କୃଷି, ଶିଳ୍ପାୟନେ କୁମ୍ଭକାଧର ।

ହୀରାକୁଦୁ ହୀରା ଆଣି ସତ୍ତ୍ୱରେ, ଭକତ ଭରେ
ସେବେ ସର୍ବଂସାହା ସମଲେଶ୍ୱରୀ
ଅଙ୍ଗେ ଜଡ଼ା ଶାଢ଼ୀ ସମ୍ବଲପୁରୀ
ବିଶ୍ୱ ବିଶ୍ରୁତ ଯା ବୁଣା ଗୁମ୍ଫର
ଗୁମ୍ଫ ସୂଚୀ ଶିଳ୍ପ କଳା ସଙ୍ଗମେ
କୋଟି କମନୀୟ ସାଜ ସଂଭ୍ରମେ
ଇନ୍ଦ୍ରନୀଲାଭ ମର୍କତ ହେମ
ବର୍ଣ୍ଣାଢ୍ୟ ଆଣେ ମୟୂର ଭ୍ରମ
ସେ ଶାଢ଼ୀ ଭୂଷଣେ ଉତ୍କଳ ବାମା
ସର୍ବାଙ୍ଗ ସୁନ୍ଦରୀ ଶୋଭା ପ୍ରତିମା ।

Digitized by srujanika@gmail.com

ଅଙ୍ଗ ମିଳନେ ମେହେର ଗୀତ, ଗାନେ ତା ପ୍ରୀତି
ଧାଏଁ ଧାତିକାରେ ଧମା ବନକା
ହୋଇ ଖରବାସୀ ଗ୍ରାମସେବକା
ସ୍ୱର୍ଣ୍ଣରୌପ୍ୟ ବର୍ଣ୍ଣି ମତ୍ସ୍ୟ ପାଳକା
ସ୍ୱର୍ଣ୍ଣପୁରୁ ଶୁଦ୍ଧ ସ୍ୱର୍ଣ୍ଣ ସଂଗ୍ରହ
ମାଣିକେଶ୍ୱରୀଙ୍କ ବଗ୍ରହେ ଲବ୍ଧ
ଉଦରେ ଲଙ୍କ ଦେବୀ ବସନ୍ତି
ସୁବର୍ଣ୍ଣପୁର ଇଷ୍ଟ ଦେବତା
ସ୍ୱର୍ଣ୍ଣପୁର ହନୁ ହନ ଶ୍ରୀସ୍ଥାନା
ମନ୍ଧର ମାଳମୀ ହଶେ ବବର୍ଣ୍ଣା ।

ବୀର ମହାରାଜାପୁର ଅଞ୍ଚଳ, ଗୁଡ଼ ଚଞ୍ଚଳ—
ତେଲ ସଙ୍ଗେ ମିଶେ ଆବର ଶୁକେ
ବୌଦୁ ସାତକୋଶୀ ଗଣ୍ଡ କୁହୁକେ
ଦଶପଲ୍ଲା ଲମ୍ବି ମାତେ କୌତୁକେ
ବାଣେଶ୍ୱରୀ ପ୍ରଦା ମାଲ ଗୌରବ
କଣ୍ଟିଲୋ ପ୍ରସିଦ୍ଧ ନୀଳମାଧବ
ବଡ଼ମ୍ବା ପୂଜ୍ୟ ଶ୍ରୀ ଭଟାରିକା
ତୋହ୍ଲ ଚର୍ଚ୍ଚିତ ବାର୍କି ଚର୍ଚ୍ଚିକା
ସ୍ରୋତେ ସିଂହନାଥ ଧବଳେଶ୍ୱର
ପୂଜ ଶତଧନ୍ୟ ତା ପୂତମୀର ।

ସର୍ବ ଦେବାଦେବୀ ଶୁଭାନୁଗ୍ରହ, ନଉକା ବାହୁ—
ମହାରବେ ମହାନଦୀ ଗରଜି
କ୍ଷିପ୍ର ଖରସ୍ରୋତେ ଦ୍ରୁତରେ ମଜ୍ଜି
ଶତଧା ବହର୍ଣ୍ଣି ପ୍ରସ୍ତରେ ବାଜି
ଲେହ୍ଲିସ୍ପୁସୀ ସର୍ବ ଗ୍ରାସୀ କରାଳ
ଲହର ପ୍ରବଳ ପ୍ରକାଶେ ବଳ
ମହାକୁଟିଳ ଚକ୍ର ଉଇଁର ଭଉଁରି
ବକ୍ର ନନାଦେ ଉଠଲ ଥର
ବହୁ ବାଧାବନ୍ଧେ ନଉକାଶ୍ରେଣୀ
ବାହି ହୋଇଥିଲୁ ବଣିକାଗ୍ରଣୀ ।

Digitized by srujanika@gmail.com

ବନ୍ଧେ ମହାନଦୀ ହୋଇ ଅଧିର, ନହୋଇ ସ୍ଥିର
ଆଠଗଡ଼ ଗର୍ବ ସାପୁଆ କସେ
ଦେବୀହାର ବାମ ପାରୁଶେ ମିଶେ
ନିଃସର୍ଗ ମାଧୁରୀ ନବଜ୍ଜୁ ଦିଶେ
    ଦକ୍ଷେ କାଠଯୋଡ଼ି ବାମେ ବିରୂପା
    କଟକ ନଗରୀ ପ୍ରାଣ ସ୍ୱରୂପା
ବିଖ୍ୟାତ ବାରବାଟି ପ୍ରସାଦ
ନଦେଖି ଦୁଃଖେ ହୃଦେ ବିଷାଦ
    ଲୁବ୍ଧେ ବିଷଚିର ବିଦ୍ୟୁତ ଧାରେ
    ବିରହେ ବହେ କି ବିସ୍ତୃତାଞ୍ଚଳେ ?

ବହୁ ସମ୍ବର୍ଦ୍ଧନେ ଲଭେ ସାନ୍ତ୍ୱନା, ସ୍ୱରୂପାଧନ୍ୟା
ଦେବୀ, ଚିତ୍ରୋତ୍ପଳା, ଲୁଣା, ଖର୍ସୁଆଁ
ପ୍ରେମେ ଛନ୍ଦାଛନ୍ଦ ବିସ୍ମର ନାଆଁ
ଦ୍ୱୀପ ଦ୍ୱୀପାଞ୍ଚଳେ ବିସ୍ତାରିକାୟା
    ଅନ୍ତରଙ୍ଗୁ ଲମ୍ବି ଜମ୍ବୁ ପ୍ରଦେଶ
    ହରିଶ ମରିଚ ପୁର ବିଶେଷ
ବିରହନାଥ ପାଳିତ ଆଳି
ହେନ୍ତାଳବନ ଶିର ମଣ୍ଡଳି
    କନିକା, ଭୁଜଙ୍ଗ ଆଦି ରାଇଜେ
    ଲକ୍ଷ ମତ୍ସ୍ୟଜୀବୀ ପୋଷେ ସହଜେ ।

ମହାନଦୀରେ ତୋ ନପୂରେ ଶୋଷ, ବହୁ ତୁ ରୋଷ
ସ୍ୱରୂପା, ବିରୂପା, ଦୟା, ଭାର୍ଗବୀ
କୁଶଭଦ୍ରା, ରତ୍ନଚୀରା ଗରବ
ପ୍ରତି ନଦୀ ରେଣୁ ଇତିହ ପବ
    କହୁ ଘୋର ଦାବୀ ସଭଙ୍କ ପରେ
    କିବା ନିଶିଯାମ ବୁଡ଼ି ଜଳରେ
କାହାନ୍ତି ଐର ମେଘବାହନ
କପିଳ ନର ସିଂହରାଜନ
    ନାହିଁ କୋଣାରକ ପୂରୁବ ଶିର
    ଚନ୍ଦ୍ରଭାଗା ଆଜି ଶୋଇଛି ଥିର ।

Digitized by srujanika@gmail.com

କେତେ ଇତିହାସ ସାକ୍ଷୀ ଅଂଶୁପା, ରୂପେ ଲୋଲୁପା
ଛଗିରିଆ ମନ୍ତ୍ରୀ ମଣ୍ଡଳପତି
ବୃଦ୍ଧ ଧନୁର୍ଦ୍ଧର ଦୁର୍ଦ୍ଧର୍ଷ ଅତି
ଯାଙ୍କ ଅଭିଯାନେ ଗଲେ ତଡ଼ିତ
    ଯାଙ୍କ ଯୁବରାଜ ପ୍ରତାପ ବୀର
    ଅନ୍ୟାୟ ସମରେ ବୃଦ୍ଧଙ୍କ ଶିର
କାଟି ଲଭିଲେ ପିତୃ ଲାଞ୍ଛନା
ନିଜ ପ୍ରାକର୍ମେ ହୋଇ ବିମନା
    ଛଗିରିଆ ଜେମା ନେଲେ ବାନ୍ଧାଇ
    ସ୍ୱରୂପା ଅଂଶୁପା ତା ସଙ୍ଗେ ଯାଇ ।

ଶୋଭାର ଭୁବନ ଉତ୍କଳେ ଲୋଭା, ଅଂଶୁପା ଶୋଭା
ସ୍ୱର୍ଣ୍ଣକାନ୍ତି ତା'ର ହୃଦଦର୍ପଣ
ସ୍ୱର୍ଣ୍ଣପୁରେ ରହି ଜଳ ତର୍ପଣ
କରି ହେବନ ଥାଉ ତା'ର ଅର୍ପଣ
    ସରଣ୍ଟା ମୁଣ୍ଡିଆ କୂଳରୁ ଚଳି
    ଯାନ୍ତି କେତେରଙ୍ଗେ ନଉକା ବଳି
କରୁ ବସନ୍ତ ବିହାର ଜଳେ
କାଚ ନମାର ଆହ୍ଲାଦ ବଳେ
    ସନ୍ତରଣେ ଯେବେ ଉଠଇ ମତ୍ସ୍ୟ
    କରୁ ପ୍ରୋତ୍ସାହ ବା ଯଷ୍ଟିରେ ନାଶ ।

ଉତ୍କଳ କମଳା ଶ୍ରେଷ୍ଠ ସେବିକା, ରାଜେ ଚିଲିକା—
ବିମୋହନ ଛବି ବର୍ଣ୍ଣନାତୀତ
ସର୍ବାଙ୍ଗ ସୁନ୍ଦରୀ ଅଗ୍ରଜେ ସ୍ଥିତ
ଦର୍ଶନେ ଅନ୍ତର ଆନନ୍ଦେ ସ୍ଫୀତ
    ସକଳ ସୌନ୍ଦର୍ଯ୍ୟ କରଇ ଠୁଳ
    ଛବିଳ ଉତ୍କଳେ ଭୁଲେ ଅତୁଳ
ଭଗ୍ନ ହୃଦୟ ଶୋକ ପାଶୋରି
ଅତି ଅପୂର୍ବ ତା' ରୂପଚୋରି
    ରସିକ ଭାବୁକ ମନ ଉଲ୍ଲାସି
    ମୃଦୁ ମଦାଳସୀ ମଧୁର ହାସି ।

Digitized by srujanika@gmail.com

ଭୁ ପଗ ଚିଲିକା କୂଳ ନିବାସୀ, ବଡ ସାହସୀ
ସୋରଣ, ନଈର କଉଳାବନ୍ଧ
ବାଲୁଗାଁ, ବରଡ଼ ରମ୍ଭା ମାଲୁଦ
ପାରିକୁଦ, ଷ୍ୟାଣ୍ଡି ଜହିଆକୁଦ
କେଶପୁର ବ୍ରହ୍ମ ଗିରିପାଲୁରୁ
କାଳୁପଡ଼ା ପାଶେ ମାଛକୁ ଧରୁ
ଭୁଷଣ୍ଡପୁରେ ପୂଜୁଛୁ ତାଙ୍କ
ଆବର ହର ଚଣ୍ଡୀ, ମଙ୍ଗଳା
କାହିଁକି ନଚଳେ ପାଞ୍ଚ ଆଙ୍ଗୁଠି
କାଳିଯାଈ କରେ ପୂଜ ନାହୁଁଟି ।

ନାନାଜାତି ମତ୍ସ୍ୟ ସମ୍ପଦେ ପୁଣ, ଚିଲିକା ପୂର୍ଣ୍ଣ
ଖଇଙ୍ଗା, ଇଲିସି, ମେଜ, କବଲା
ସୋରଡ଼ା ବେକଟା ଶାଳ, ଡାଙ୍ଗଳା
ବାଗଦା, ମିରିଣ୍ଡି ପାନୁ, କଣ୍ଟଲା
ଖୁରଣ୍ଟ, ଜାଗିଲ, ଲଞ୍ଜିପାଭୁଆ
ଶୁଖୁଲିର, ଗଣିଆ, ଏକଥଣ୍ଟିଆ
କାମଦା , ପାରି କୁଣ୍ଡଳ, ଫଳି
କଣ୍ଟିଆ ମୁଙ୍ଗା କେରଣ୍ଡି, ହୁଳି
ଶେଉଳ, ଗଡ଼ଶା, ସୁରଙ୍ଗ, ଜଡ଼ା
ଜଳଙ୍ଗ, ବଳଙ୍ଗ, ଚୋଡ଼ କଙ୍କଡ଼ା ।

ନର୍ଦ୍ଦେଶ ହଏକେ ଅଦେଖା ହାତ, ମାନୁ ତାରେତ
ପଚ ପଙ୍କ ତା'ର ହୁଏ ଦୁର୍ଗନ୍ଧ
ଯାବତ ଚନ୍ଦ୍ରାର୍କେ ଥିବୁ ଆବଦ୍ଧ
କ ତୁମ୍ଭକେ ତାର ହୋଇଛୁ ଅନ୍ଧ
କୂଳ ଖିଆପିଆ ସହଜେ ଜଣା
ଅକଟା ଅବଟା ନଳଗନ୍ଧଣା
ଲୁଣିଆ ପାଣି କରୁ ଓ ଧାଣି
ଅଗତ୍ୟା ପିଉ ଗୋଳିଆ ପାଣି
ଗୋଡ଼ ଗୋଡ଼ ମଶା ଅନବରତ
ମାଲେରିଆ ଜ୍ୱରେ ସତ୍ତୁ ସନ୍ତତ ।

Digitized by srujanika@gmail.com

ଚିଲିକା ଗର୍ଭେ କରି ବସନ୍ତ, କଷ୍ଟ ସନ୍ତ
ଆସିଛି କରାଳ ବନ୍ୟା ଯେବେ
ଚିଲିକା ମିଶିଛି ତା' ସାଥେ ତେବେ
ପ୍ରଳୟର ଲୀଳା ସୃଜି ଗରବେ
ସଲିଲ ସମାଧି କରୁଛି ନରେ
କେତେ ଗାଁଆଗଣ୍ଡା ଉଜାଡ଼ି ଖରେ
ଦେଖି ତା'ର ଏ ବିଷମ ଘାତ
ଚିତ୍ତେ କି ତୋର ନଆସେ ଖାତ
ଆଦର ପଡ଼ୁଛି ତାହାର କୋଳ
କମିଆ ଲଗାଇ କରୁଛି ଖେଳ ।

ଘିଣ୍ଡିତା ବିପନ୍ନ ସର୍ବୋତଭାବେ, ରକ୍ଷା ଅଭାବେ—
ଜବର ଦଖଲ ଉଗ୍ର ଧର୍ଷଣେ
ଜଳପଥ ପୋତେ ଗର୍ଭ ଖନନେ
ଶ୍ରୀହୀନ ଅବାଧ ମତ୍ସ୍ୟ ଧାରଣେ
ସାଗର ସମ୍ବନ୍ଧ ଖଣ୍ଡ ଉଚ୍ଛେଦେ
କ୍ଷୀଣ କ୍ଷୀଣତର ତନୁ ବିଚ୍ଛେଦେ
ଘନବନାନୀ ସମୂଳେ ଧ୍ୱଂସ
ବିନଷ୍ଟ ଦୁର୍ଗ ଶୋଭା ବିଳାସ
ସୌନ୍ଦର୍ଯ୍ୟ, ମାଧୁର୍ଯ୍ୟ ସୌକର୍ଯ୍ୟ ଘୁଞ୍ଚ
ସ୍ଥାୟୀ ସଂରକ୍ଷଣେ ଉଠୁ ଉତ୍କଳ ।

କାଳଚକ୍ର ଆବର୍ତ୍ତନରେ ଦେଖ, ଘୂରୁଛି ଚକ
ସୁବିମଳ ଚନ୍ଦ୍ର ମାହେନ୍ଦ୍ର ବେଳେ
ଉଦ୍ଧତ ଚିଲିକା ପଥର କୂଳେ
ଅନନ୍ତ ଅଖଣ୍ଡ ସୌନ୍ଦର୍ଯ୍ୟ ଦୋଳେ
ଚିଙ୍ଗୁଡ଼ି ଫେଣ୍ଟର ଯୋଗ୍ୟ ସ୍ଥପତି
ଉତ୍କଳ ବୋଇତ ବେପାରବୃତ୍ତି
ସୁନିୟନ୍ତ୍ରିତ ଯନ୍ତ୍ର କୌଶଳେ
ସୁବ୍ୟବସ୍ଥିତ ପ୍ରତିଭା ବଳେ
ଚୂନା ଚିଙ୍ଗୁଡ଼ିରେ କରଇ ସୁନା
ପ୍ରତି ପ୍ରାତେଃ ଲକ୍ଷ କଣ୍ଠେ ବନ୍ଦନା ।

Digitized by srujanika@gmail.com

ଉଷୁନା ଧାନକ ହୋଇଛି ଗଜା, ଦେଖ ତା ମଜା
ମତ୍ସ୍ୟ ନୌବନ୍ଦର ଶତସମ୍ବାଦ
ଶତସିଂହ ବଳ ବିକ୍ରମେ ଖେଦ
ଚିଲିକା ସମୁଦ୍ର ଆବର ନଦୀ
        ଉଦ୍ଦାମ କ୍ଷେପଣୀ ଉଦ୍ଦଣ୍ଡ ଘାତେ
        ଅଥଳ ଜଳକୁ ମନ୍ଥି ନିର୍ଘାତେ
ସଂଗ୍ରହି ସ୍ୱର୍ଣ୍ଣ ବର୍ଣ୍ଣ ଚିଙ୍ଗୁଡ଼ି
ଅପୂର୍ବ ପୁଟେ ଯତ୍ନେ ସଜାଡ଼ି
        କଳ୍ପନା ସୁନ୍ଦରୀ ମାଧୁରୀ ସ୍ପର୍ଶେ
        ବହୁଗୁଣିତ ତା ଗୁଣ ଉତ୍କର୍ଷେ ।

ଜାତି ଭଗୀରଥ ଜାହ୍ନବୀ ଧାରା, ବହନ୍ତେ ତ୍ୱରା
ମରଣର ଚିନ୍ତା କରି ମନ୍ଥନ
ଅକାଳୁ ମଡାଏ ଲଭି ଜୀବନ
ନବଚେତନ ବୀର୍ଯ୍ୟ ମାତି ଦ୍ୱିଗୁଣ
        ମନ୍ଥି ରତ୍ନାକର ମହାଆହବେ
        ପୁନଶ୍ଚ ଉଦ୍ଧରି ହୃତ ଗୌରବେ
ଦାରିଦ୍ର୍ୟ ଦୂରେ ଫିଙ୍ଗି ଅକ୍ଲେଶେ
ସୁଖ ସନ୍ତୋଷେ ରସି ବିଶେଷେ
        ବରୁଣ ଦୁଲଣୀ ରମା ଆଶିଷେ
        ଲଭିବେ ଆସନ ଭାରତବର୍ଷେ ।

କନାରେ କର୍ପୂର ବାସ ଉକୁଟି, ଯାଏ ଚହଟି—
ଜଳ ସ୍ଥଳ ବ୍ୟୋମ ବକ୍ର ନିନାଦେ
ପୂରୁବ, ପଶ୍ଚିମ ଦୁଇ ଗୋଲାର୍ଦ୍ଧେ
ବିଦେଶୀ ରପ୍ତାନି ବାଣିଜ୍ୟ ମଧ୍ୟେ
        ଲଭିଛି ଚିଙ୍ଗୁଡ଼ି ଉଚ୍ଚ ସମ୍ମାନ
        ଦୁର୍ଲଭ ଖାଦ୍ୟେ ଉତ୍କର୍ଷ ସ୍ଥାନ
ସୁସଞ୍ଚିରସ ଅତି ସରସ
ଆବାଳବୃଦ୍ଧେ ଚ୍ୟବନ ପ୍ରାଶ
        ଭେକରେ ଓଡ଼ିଆ ନଯାଇ ଛନ୍ଦ
        ସମୁଦ୍ର ମନ୍ଥନେ ହେଉ ବିନିଦ୍ର ।

Digitized by srujanika@gmail.com

ବିଖ୍ୟାତ ଚିଲିକା କେନାଲ ଏହି, ବର୍ତ୍ତିକ ହୋଇ
ଗଞ୍ଜାମ-ପାଲୁର୍ ଯୁଗ୍ମ ବନ୍ଦର୍
ପୁଣ୍ୟ ଲୀଳାସ୍ଥଳ ସ୍ମାରକ ସ୍ଥଳ
ସହସ୍ର ବୋଇତ ବାହି କେନାଲ
ମହୋଦଧି, ହ୍ରଦ ସହ ସଶ୍ରିତ
ଅଭିନବ ରୂପେ ରୂପାନ୍ତରିତ
ଗଙ୍ଗା ଯମୁନା କି ସରସ୍ୱତୀ
ଏକାଧାରରେ କରନ୍ତି ଗତି
ତ୍ରିବେଣୀ ସଙ୍ଗମ ରଚି ଗରବେ
ତ୍ରିତାପ ନାଶିନୀ ହୋଇଛି ଭବେ ।

ଅନ୍ଧ ବୁଝାମଣା ହୀନ ଚକ୍ରାନ୍ତେ, ଅବ୍ୟବସ୍ଥିତେ
ଉଭୟ ପଟେ ତା ପଡ଼ିଲା ବନ୍ଧ
ନଦୀ, ଅବ୍ଧି, ହ୍ରଦ ସହ ସମ୍ବନ୍ଧ
ଉଚ୍ଛେଦ ହୋଇସେ ଥିଲା ଆବଦ୍ଧ
ଅପବାଦ କରି ତା ପ୍ରତିମାର
ଗଢ଼ି ଉଠିଥିଲା ତୁଙ୍ଗ ପ୍ରାଚୀର
ଲୋମହର୍ଷଣକାରୀ ବ୍ୟାପାର
ମର୍ମନ୍ତୁଦ ଘଟଣା ଯାର
ଲକ୍ଷ ମତ୍ସ୍ୟଜୀବି ଠିଆ ଉପାସି
ଏ ବ୍ୟବସ୍ଥା ହୋଇ ଥିଲେ ଉପାସି ।

ମତ୍ସ୍ୟଗୋପନ ସମୃଦ୍ଧାଗାର, ଗୁପ୍ତ ଭଣ୍ଡାର—
ବାତ୍ୟା ଆନ୍ଦୋଳିତ ଚିଲିକା ଜାଣୁଁ
ସ୍ରୋତ ପ୍ରପୀଡ଼ିତ ନଦୀ ମୁହାଁଣୁ
ଶୀତ ପ୍ରକମ୍ପିତ ସମୁଦ୍ର ସ୍ଥାନୁ
ଚିଙ୍ଗୁଡ଼ି, କଙ୍କଡ଼ା ମତ୍ସ୍ୟ ନିଶଙ୍କେ
ବଂଶ ବୃଦ୍ଧି କରି ବଢନ୍ତି ଅଙ୍କେ
ଅନନ୍ତକୋଟି ମତ୍ସ୍ୟ ଯାଆଁଳ
ସୃଜନସ୍ଥଳ ବିସ୍ତୃତଥାଳ
ଏକାଧାରେ ଲକ୍ଷ ମତ୍ସ୍ୟଜୀବିଠି
ସ୍ୱର୍ଗ ଗଙ୍ଗା କାମଧେନୁ ଏହିଟି ।

Digitized by srujanika@gmail.com

ଋଷିକୂଲ୍ୟା କୂଳେ ବରଣବାସ, କମ୍ପା ହତାଶ ?
ଋଷିମାଳ ସୁତା ଯଜ୍ଞ ସମ୍ଭୂତା
ଯଜ୍ଞ ଭସ୍ମସାତେ ଆତ୍ମବିସ୍ମୃତା
ଦେବଦେବୀ ପଦ କ୍ଷାଳନେ ପୂତା
        କଳିଙ୍ଗ-କଙ୍ଗୋଦ ମଧ୍ୟ ମେଖଳା
        ଜଉଗଡ଼ ପୋତା ଗଡ଼ ମଞ୍ଜୁଳା
ଆର୍ଯ୍ୟ ଅନାର୍ଯ୍ୟ ଦ୍ରାବିଡ଼ କୃଷ୍ଟି
ଯତନେ ସୃଜ ବିଚିତ୍ର ସୃଷ୍ଟି
        ହିନ୍ଦୁ, ଜୈନ, ବୌଦ୍ଧ ଧରମକୁଲ୍ୟା
        ପୁରାଣ ପବିତ୍ର ଜାହ୍ନବୀ ତୁଲ୍ୟା ।

ଅତୀତ ଐଶ୍ୱର୍ଯ୍ୟ ପଡ଼ଇ ମନେ, ଆଜ ଏ ଦିନେ
ଶତ୍ରୁ ଗର୍ବ ଗଞ୍ଜି ମଞ୍ଜୁ ଗଞ୍ଜାମ
ବିସ୍ମୃତ ଅତୀତ ଐତିହ୍ୟ ଧାମ
ନଗରୀ ରତନ ରାଣୀ ଲଲାମ
        ଭଞ୍ଜ ଭାଷାଭାଷୀ ଭାରତୀଭୂଷା
        ସମୃଦ୍ଧ ସଙ୍ଗୀତ ନାଟକ ଶୀର୍ଷା
ସନ୍ଥସାଧବ ବଣିକବସା
ପାଣ୍ଡିପାଣ୍ଡିଶା ବାଦସାରସା
        ବାଣୀ ବିନୋଦିଆ ଲାବଣ୍ୟବତୀ
        କଳ୍ପନା ବିଳାସୀ କବି ସମ୍ପତ୍ତି ।

ମହତ ସାଗର କୂଳେ ଗଞ୍ଜାମ, କି ମନୋରମ—
ଅନନ୍ତ, ଅସୀମ ଶାନ୍ତ ସୁନୀଳ
ରୁଦ୍ର ଭୀମକାନ୍ତ ଗୁରୁଗମ୍ଭୀର
ପ୍ରଶାନ୍ତ ଉଦାର ଛବି ରୁଚିର
        ନୀଳ ମହୋଦଧି ଅହଂ ସ୍ୱଭାବେ
        ଅଗସ୍ତ୍ୟ ଆଶ୍ରମେ ଆସନ୍ତେ ଗର୍ବେ
ସପତସିନ୍ଧୁ ଚକ୍ଷୁ ସମ୍ଭାଇ
ସ୍ତୁତି ସନ୍ତୋଷେ ପୁନଃ ନିର୍ମାଇ
        ସେହି ପ୍ରତିଦାନେ କି ମହୋଦଧି
        ତୀରବାସୀ ଜନେ କଲ୍ୟାଣନିଧି ।

Digitized by srujanika@gmail.com

ସିନ୍ଧୁ ଉତ୍ସାହନେ କି ଘରବାସୀ, ଉଚ୍ଚାଭିଳାଷୀ—
ଧଙ୍କିଲି ସାଗର ବିହାର ଲକ୍ଷ୍ୟ
ଉଥାଳି ତରଙ୍ଗ କରାଳ ବକ୍ଷ
ଅବଲୀଳା'କ୍ରମ ଲଙ୍ଘନେଦକ୍ଷ
ରଣତନ୍ତ୍ର ଯୁଦ୍ଧେ ମହାବିକ୍ରମୀ
ଦୁର୍ଦ୍ଧର୍ଷ ଦୁରନ୍ତ ଅକ୍ଳାନ୍ତଶ୍ରମୀ
ପ୍ରାଣପ୍ରାଚୁର୍ଯ୍ୟ ସୁଖ ସମ୍ଭୋଗେ
କର୍ତ୍ତବ୍ୟନିଷ୍ଠ ଧର୍ମାନୁରାଗେ
ମଞ୍ଜୁଶ୍ରୀ ମଞ୍ଜୁଳେ ଗଞ୍ଜାମମହୀ
ବିଶ୍ୱ ବିମୋହନ ଛବି ବିଗ୍ରହୀ ।

ବ୍ୟକ୍ତିତ୍ୱ ବିକାଶି ବିଶ୍ୱକଲ୍ୟାଣ, କରି ଧିଆନ—
ବାଣିଜ୍ୟେ ବସନ୍ତି ଲକ୍ଷ୍ମୀ ପ୍ରବାଦେ
ପୁରୁଷାର୍ଥ ସିଦ୍ଧି ସାଧନା ମୋଦେ
ସାଗର ସମ୍ମୋହ ସିଦ୍ଧି ସମ୍ପାଦେ
ଚତୁଃବର୍ଗ ଫଳ ଦାନ ବିଭୂତି
ସାର୍ଥକ ମାନବ ଜନମ କୃତି
ସାଗରପାରେ ଧରମେ ହାନ୍ଧି
ବୀରବିକ୍ରମେ ବୋଇତ ବାନ୍ଧି
ବାସ କରିଥିଲେ ନବନ୍ଧି ଶଙ୍କା
ସ୍ୱର୍ଣ୍ଣ ଦ୍ୱୀପ ସହ ଲଙ୍କା'ବଳଙ୍କା ।

ସର୍ବଶ୍ରେଷ୍ଠ ଇଷ୍ଟ ଦେବ ବରୁଣ, କରି ବରଣ—
ଷୋଡ଼ଶୋପଚାରେ ପୂଜା ଅର୍ଚ୍ଚନା
ପୂତଭକ୍ତି ଭାବେ କରି ବନ୍ଦନା
ବୋଇତ ଅଗ୍ରତେ କରି ସ୍ଥାପନା
ସ୍ମରି ଗଙ୍ଗାଦେବୀ ଇଷ୍ଟଦେବତୀ
ଶୁଭ ସମ୍ଭାବନା ସୌଭାଗ୍ୟବତୀ
ଯେନ ତିଳକ ଜନମ ମାଟି
ଆଦର କରୁ ସ୍ୱଅଙ୍ଗେ ଘଟି
ଲମ୍ବା ପ୍ରତିଶ୍ରୁତି କାନ୍ଧାରେ ଦେଇ
ଯାଇଛନ୍ତି ସୁଦୂରେ ବୋଇତ ବାହି ।

Digitized by srujanika@gmail.com

ଦମ୍ପତି ଅନ୍ତର କାହିଁ ତୁଳନା, କର ବର୍ଣ୍ଣନା
କାନ୍ତା କାନ୍ତ କାମ୍ୟା ସ୍ପୃହା ସର୍ଜନା
କ୍ଷୀର ନୀର ପରି ପ୍ରୀତି ବରନା
ବୀଜ ବୃକ୍ଷ ବାଦ ବୃଥା ତର୍କଣା
ବିବାହ ବନ୍ଧନେ ବନ୍ଧୁ ବାନ୍ଧବୀ
ଇହ ପର ଯୁଗ ଯୁଗାନ୍ତ ଲମ୍ବି
ସିନ୍ଧୁ ସଙ୍ଗତ ଚନ୍ଦ୍ର ଚକୋର
ଘନ ଗୃତକ ଭୃଙ୍ଗ ପୁଷ୍କର
ଭିନ୍ନାଭିନ୍ନ ହୋଇ ଦୁହେଁ ଅଭିନ୍ନ
ଭେଦାଭେଦ ସତ୍ତ୍ୱେ ଅଭେଦେ ଲୀନ ।

ଅଭେଦ୍ୟ ଅଚ୍ଛେଦ୍ୟ ପ୍ରେମ ବନ୍ଧନ, କାହିଁ ବିଚ୍ଛିନ୍ନ
ତରୁଣ ତରୁଣୀ ତରୁ ଲତିକା
ପ୍ରେମ ମଧୁଚକ୍ର ମଧୁମକ୍ଷିକା
ଶୟନେ ସ୍ୱପନେ ଶୁକ ଶାରକା
ପ୍ରଣୟ ପୀୟୂଷ ପାନେ ପ୍ରମତ୍ତ
ପ୍ରାଣ ବିନିମୟେ ଆତ୍ମବିସ୍ମୃତ
ଲଳିତଲୀଳା କଳ କୌତୁକ
ସିଦ୍ଧି ସାଧନେ ଶୁଦ୍ଧ ସାଧକ
ସଂଯୋଗେ ବିଯୋଗେ ନୋହି ବିଭାଜ୍ୟ
ରାଜରାଜେଶ୍ୱରୀ ରାଜାଧିରାଜ ।

ପ୍ରକୃତି ପୁରୁଷ ସୃଷ୍ଟି ବିକାଶେ, ଲୀଳା ରହସ୍ୟ
ଅବ୍ୟକ୍ତ ଅଚିନ୍ତ୍ୟ ନିଶ୍ଚିତ ରୂପ
ଅନନ୍ତ ଅସୀମ ସୀମା ସ୍ୱରୂପ
ସ୍ୱର୍ଗୀୟ ପାର୍ଥିବ ଶୋଭା ଲୋଲୁପ
ସୌନ୍ଦର୍ଯ୍ୟ ମାଧୁର୍ଯ୍ୟ ସହ ସଂସ୍ଥିତି
ଶିବଶକ୍ତି ଶାନ୍ତ ମୈତ୍ରୀ ବିଭୂତି
ଜୀବପରମ ଯୁଗଳପ୍ରଭା
ଦୃଷ୍ଟ ଅଦୃଷ୍ଟ ବିମଳ ବିଭା
ସୃଷ୍ଟି ସ୍ଥିତି ଲୟ ବିଲୟ ମୂର୍ତ୍ତି
ଶୂନ୍ୟ ପୂର୍ଣ୍ଣ କ୍ଷୟ ଅକ୍ଷୟ ଦ୍ୟୁତି ।

Digitized by srujanika@gmail.com

ଅନର୍ବଚନୀୟ ସୃଷ୍ଟି ସମ୍ପତ୍ତି, ସ୍ବାଦ୍ୟ ସନ୍ଦତ—
ପୂର୍ବଜନ୍ମ ସମ ସୁକୃତ ଫଳ
ଉପଭୋଗେ ପତି ପତ୍ନୀ ଯୁଗଳ
ଗୃହେ ଗୃହତତ୍ପ ପ୍ରେମେ ବନ୍ଧନ
ସୀମା ସରହଦେ ଗାର୍ହସ୍ଥ୍ୟ ଧର୍ମ
ପୁଣ୍ୟ ପୂତ ଯୋଗ ଶ୍ରେଷ୍ଠ ପରମ
ମର୍ତ୍ତ୍ୟେ ସରଗ ସମ୍ପତ୍ତି ହୋଳ
ସୁଖୀ ଦମ୍ପତି ଖେଳନ୍ତି ଦୋଳ
ସ୍ଥୂଳ ଦେହ ସୂକ୍ଷ୍ମ ମନମିଳନ
ଏକେ ଏକେ ଦୁହେଁ ସ୍ୱୟଂ ସମ୍ପୂର୍ଣ୍ଣ ।

ପ୍ରିୟ ପରବାସ ଭାବେ ବହ୍ଲଳା, ସାଧବ ବାଳା
ଅତନୁ ଅନଳେ ଦାହ୍ୟ ଶରୀର
ଅସନ ବସନେ ନୋହି ତତ୍ପର
କ୍ଷୀଣୁ କ୍ଷୀଣତର ଗୃହ ଶରୀର
ଦେବୀ ପୂଜାଛଳେ ବଜନବେଳା
ଚଳ ଚକ୍ରବାଳେ ଲକ୍ଷ୍ୟ ଅବଳା/
ଅବଶେ ବସି ଗଣେ ଲହରି
ବାଲିରେ ବଡ଼ ଦେଉଳ ତୋଳି
ବାଲୁକାଶଙ୍କରେ ଲୋତକ ଜଳେ
ପ୍ରବାସୀ ମଙ୍ଗଳେ ପ୍ରଣତି ଢାଳେ ।

ଭ୍ରଣପୁ ବଭ୍ୟର, ପ୍ରେୟସୀ ଭାବ, ଭାବ ସାଧବ
ସିଂହଳ ରାଇଜ ଗଜମୁକୁତା
କମ୍ବୋଜ ମଣିରେ କର ସଂଯୁକ୍ତା
ସ୍ବର୍ଣ୍ଣଦ୍ୱୀପ ସ୍ବର୍ଣ୍ଣେ କର ଭୂଷିତା
ମଳୟମାଳୟ ଗନ୍ଧଚନ୍ଦନ
ଚୀନ ମଳଚେଳ ଝୀନବସନ
କୁମାରୀ ମେଘ ଡମ୍ବରୁ ଶାଢ଼ୀ
କାଞ୍ଚି କାଞ୍ଚୁଲି ହଂସୁଲି ଥାଡ଼ି
ସ୍ବଭାବ ସୁନ୍ଦରୀ ଶୋଭା ବର୍ଦ୍ଧନେ
ପ୍ରୀତି ଉପହାର ଅର୍ପେ ଯତନେ ।

Digitized by srujanika@gmail.com

ପ୍ରିୟ ପ୍ରୀତି ଉପହାର ରୂପସୀ, ଉଚ୍ଚେ ପ୍ରଶଂସି
ଭୂଷଣେ ଝଲସି ନର୍ତ୍ତକୀ ଛନ୍ଦେ
ଅଳସେ ବିଳସେ ପ୍ରାସାଦ ମଧ୍ୟେ
ପ୍ରତିପଦରେ ଲକ୍ଷ ମୂର୍ତ୍ତି ସାନନ୍ଦେ
ପୁଞ୍ଜୀଭୂତ ସେହି ମୂର୍ତ୍ତି ସୁରଙ୍ଗେ
ବିଚ୍ଛୁରି ମିଶଇ ସୁନ୍ଦରୀ ଅଙ୍ଗେ
ନିରେଖି ଲୀଳା କଲ୍ୟାଣନିଧି
ଶ୍ରେଷ୍ଠି ସାଧବ ପ୍ରଶଂସେ ବିଧି
ସର୍ବାନ୍ତଃକରଣେ ରମାରତନ
ତୋଷିବା ମାନସେ ଧ୍ୟାନେ ମଗନ ।

ବିଲୋକି ବିଚିତ୍ର ବେଶ ମଞ୍ଜୁଳା, ସାଧବବାଳା—
କୋଳେ ତୋଳିନେଲେ ସାଧବବାଳୀ
ବିବିଧ ବିନୋଦେ ବିରଚେ କେଳି
ବିଧି ବିଧାନ ବି ବିଶେଷେ ଭୁଲି
ମଧୁ ମନ୍ଦାକିନୀ ଅଧରାମୃତ
ବାରମ୍ବାର ପାନେ ହୁଏ ପ୍ରମତ୍ତ
ଭବବନ୍ଧନେ ଅସ୍ମିତା ଭୁଲି
ନିର୍ବେଦ ଭାବେ ନପାରେ ଚଳି
ପ୍ରାଣାଧିକା ବୋଲି ଉଚ୍ଚେ ସମ୍ବୋଧି
ପ୍ରେମ ଫଲ୍‌ଗୁଧାରା ନପାରେ ରୋଧି ।

ଆକାଶ କଇଁଆ ଚଳକା ମାତ୍ର, ହୋଇଛି କଚ୍ଛ
କୋଟି କମନୀୟ ସୁନ୍ଦରୀ କୋଳେ
ବିରହ ବିଧୁର ସାଧବ ଭୋଳେ
ଶୁଭଦ ସୁଖଦ ସମ୍ପତ୍ତି ଦୋଳେ
ତୁଚ୍ଛ କରି ମନେ ହାଟି ପଲଙ୍କ
ଅଣାୟତେ ତଳେ ବିସ୍ତାରେ ଅଙ୍କ
ଆକୁଳ ମନ ବିକଳ ପ୍ରାଣ
ଭାଙ୍ଗିବା ପାଇଁ ସବୁ ଗୁମାନ
ଲଳିତଲୀଳାମୟୀ ଲାବଣ୍ୟନିଧି
ସ୍ୱାର୍ଥ ମନୋବାଞ୍ଛା କରିବ ସିଦ୍ଧି ।

Digitized by srujanika@gmail.com

ବିରହ ବ୍ୟଥିତ ପ୍ରେମ ବିଧୁରା, ସାଧବବାଳା
ପତିଗତ ପ୍ରାଣା ପ୍ରେମ ମଞ୍ଜୁଳା
ପ୍ରେମଶୀଳା କାମ କେଳି କୁଶଳା
ପ୍ରିୟ ଆଭରଣେ ହେଇ ଉତ୍ତଳା
    ଚନ୍ଦ୍ରଶାଳାପୁରେ ବଳବର୍ତ୍ତିନୀ
    ଚନ୍ଦ୍ରଶିଳା ସମ ତରଳଧମନୀ
ନିବିଡ଼େ କାନ୍ତ ଅଙ୍ଗେ ନିମଜ୍ଜି
ପ୍ରେମ ଆଶ୍ଳେଷେ ଲଜ୍ଜା ବରଜି
    ହଂସତୂଳି ଶେଯରେ ବିଧୂଳି ଲାସ୍ୟ
    ଭଙ୍ଗିରେ ଭୁଲାଏ ପ୍ରବାସୀ କ୍ଳେଶ ।

ଦ୍ୱିତଳ ଅଳିନ୍ଦୁ ସିନ୍ଧୁ ସଙ୍ଗମ, କି ମନୋରମ
ବାସନ୍ତୀ ତରଳ ମଧୁର ଜ୍ୟୋତ୍ସ୍ନା
ନୀଳାମ୍ବୁ ଚୁମ୍ବନେ ବିଚିତ୍ର ବର୍ଣ୍ଣା
ବିଲୋକ ମାଧୁରୀ ମୁଗ୍ଧ ଲଳନା
    ଲୋଟେ ଲୀଳାବତୀ ବଲ୍ଲଭ କୋଳେ
    ଆଲୋକ ଅନ୍ଧାର ସମ୍ପତ୍ତି ଦୋଳେ
ସର୍ବସ୍ୱସମର୍ପି ବିମୁଗ୍ଧା ରାଧା
ହେଲେ ବିସ୍ମରେ ବିରହ ବାଧା
    ନିର୍ବେଦ ନିଶ୍ଚଳ ଶାଶ୍ରୁ ଲୋଚନେ
    ପୁନଃ ପୁନଃ ଚୁମ୍ବେଁ ପ୍ରିୟବଦନେ ।

ଆକାଶ କଇଁଆ ଚଳିକା ମାତ୍ର, ହୋଇଛୁ କଞ୍ଚ
ରୂପରସଘନ ସ୍ୱରୂପ ସୀମା
ସ୍ୱର୍ଗଚ୍ୟୁତ ଖେଳ ଲୋକପ୍ରତିମା
ଆକାଶ ଅବନୀ ସଂଯୋଗ ଭୂମା
    ଚନ୍ଦ୍ରଲବ୍ଧ ଚନ୍ଦ୍ରକାନ୍ତ ମଣିକ
    ମର୍ତ୍ତ୍ୟେ ଚନ୍ଦ୍ରଭାନୁ ସତେ ଉଦେକ
ମାନସହଂସି ମାନୁଷୀ ରୂପି
ମାନବ ସଙ୍ଗ ସୁଖ ଲୋଲୁପି
    ଅବା ସୁରଧୁନୀ ସାଗରମୁଖି
    ପ୍ରେମେ ଜରଜର ସମ୍ଭୋଗ ସୁଖୀ ।

Digitized by srujanika@gmail.com

ପାହୁନ୍ତି ନିଶୀଥ ଶାନ୍ତ ରଜନୀ, ପ୍ରୀତି ଦାମ୍ପିନୀ
ଲୋହିତ ରକ୍ତାଭ ପ୍ରାଚୀ ଗଗନ
ସ୍ପରଶ କାତର ସୀମା ରତନ
ତେଜେ କାନ୍ତକୋଳ ବାହୁବନ୍ଧନ
ନିରେଖେ ପ୍ରଶାନ୍ତ ଘୁମନ୍ତାନନ
କସ୍ତୁରି କୁଙ୍କୁମ ପ୍ରୀତି ଲାଞ୍ଛନ
ବିଚଳ ଚିତ୍ତ ଶୋଭା ବିଲୋକି
କୁରଳି ହସ ନପାରେ ରୋକି
ବସ୍ତ୍ରାଞ୍ଚଳେ ପୋଛେ ଲୀଳା ନୟାଣ
ମଣି ବିରହିଣୀ ଜୀବନ ଧନ୍ୟ ।

କଳିଙ୍ଗ ବିଜୟୁ କାମୋଦ୍ଦୀପକ, ଚଣ୍ଡାଶୋକଙ୍କ
ସାଧବ କୈବର୍ତ୍ତ ପୁତ୍ରୀ ବିଦୁଷୀ
ସମୀପ ପ୍ରଦେଶ ରାଜ ମହିଷୀ
ସର୍ବ କାରୁବାକି ଶ୍ରେଷ୍ଠ ରୂପସୀ
ସୁନ୍ଦରୀ ସମ୍ଭୋଗେ ମଗଧପତି
କାମ ଲାଳସାରେ ହରାଇ ଧୃତି
ଦୁର୍ବାର ହିଂସା ହୀନ ଜିଘାଂସା
କଳିଙ୍ଗ ଯୁଦ୍ଧେ ମେଣ୍ଟାଇ ତୃଷା
କଳିଙ୍ଗ ନୃପତି ସହକୁମାର
କୁତ୍ସିତ ସମରେ କଲେ ସଂହାର ।

ଶ୍ୱଶୁର ସ୍ୱାମୀ ହତେକ ଫଣୀ, ବୀରରମଣୀ
ଯୁଦ୍ଧାଶ୍ୱ ଆରୋହି ଶତ୍ରୁ ନିଧନେ
ପୁଂସବେଶୀ ରାଣୀ ଯୁଦ୍ଧେ ତକ୍ଷଣେ
ବିଶ୍ୱ ଭୈରବ କି ଦୁଷ୍ଟ ଦଳନେ
ମହିଷମର୍ଦ୍ଦିନୀ ମହିମ ଲାସ୍ୟ ,
ବିଧ୍ୱଂସୀ ଅସୀତ କରାଳ ହାସ୍ୟ
ଶୁଣି ନଥିବା ଗୁଞ୍ଜର ନ୍ୟାସେ
ପ୍ରାଣ ପ୍ରତିମ ପୁତ୍ର ହତ୍ୟାଏ
ଅଶ୍ରୁ ତେଜି ତ୍ୱରା ଧରାପତିତ
ହେଲେ ବଳାତ୍କାରେ ମଗଧାଶ୍ରିତ ।

Digitized by srujanika@gmail.com

ସାର୍ଦ୍ଧ କାୟାକ୍ଲେଶୁ ଅନୁବରତ, ସେ ମହାପ୍ରାଜ୍ଞ
ଜଗତ କଲ୍ୟାଣେ ପରଶମଣି
ପ୍ରୀତି ପାରବାର ଫଲ୍‌ଗୁ ଉଜାଣି
ପ୍ରିୟ ପ୍ରେମାଶ୍ଳେଷେ ଶ୍ରେୟ ବଖାଣି
ଚଣ୍ଡାଶୋକେ ଧର୍ମାଶୋକ ବିଗ୍ରହ
ଅହିଂସ ଧରମ କର୍ତ୍ତବ୍ୟଧାମୀ
ଜଗତବନ୍ଦ୍ୟ ଶ୍ରେଷ୍ଠ ରାଜର୍ଷି
ଦେବାନାଂ ପ୍ରିୟ ପ୍ରିୟଦରଶି
ବୁଦ୍ଧ, ଧର୍ମ, ସଙ୍ଘ ଶରଣଗମି
ହେଲେ ଶେଷେ ଶ୍ରେଷ୍ଠ ନିର୍ବାଣଗାମି ।

କାଳେ ଲକ୍ଷ୍ମୀଙ୍କର ରକ୍ତ ସମ୍ପର୍କେ, ଅତି ସତର୍କେ
ଦନ୍ତପୁରୁ ବୁଦ୍ଧ ଦନ୍ତ ସିଂହଳେ
ହେମମାଳା ଶୁଭ୍ର କବରୀ ତଳେ
ପେଶି ସନମାନେ ସୁକଉଶଳେ
ବନ୍ଦରନାୟକ ସେନାନାୟକ
ଥିଲେ ପୂତଦନ୍ତ ରକ୍ଷାବାହକ
କାଣ୍ଡି ନଗରେ ସ୍ଥାପିତ ଦନ୍ତ
ରଥଯାତର ବିଶ୍ୱବିଶ୍ରୁତ
କଙ୍ଗୋଦୁଦ୍ଭବ ଲୋକ ସେ ଦନ୍ତଜ୍ୟୋତି
ଢାଳିଲେ ହୁଏନ୍‌ସାଂ ଦୁରପ୍ରଣତ ।

କଙ୍ଗୋଦ ମଣ୍ଡଳ ସୁଯୋଗ୍ୟସୁତ, ହେ ସୈନ୍ୟଭୀତ
ମାଧବ ବର୍ମନ ମାଧବରାଜ
ସମ୍ମୁଖୀ ଶଶାଙ୍କ, ହର୍ଷ ସାମ୍ରାଜ୍ୟ
ଗଙ୍ଗ, ପୁଲକେଶୀ କୋଶଳରାଜ୍ୟ
ଦୁର୍ଭେଦ୍ୟ କଳିଙ୍ଗ ଉତ୍କଳ ଭେଦ
କଳିୟୁରଭୁଜ ବିକ୍ରମେ ଖେଦ
କ୍ଷୁଦ୍ର କଙ୍ଗୋଦ ଖଣ୍ଡମଣ୍ଡଳ
ଉତ୍ତରୋତ୍ତର ବଢ଼ି ପ୍ରବଳ
ବର୍ଦ୍ଧିଲେ ଶୈଳୋଦ୍ଭବ କୁଳତିଳକ
ଶତ୍ରୁଭଞ୍ଜ କାର୍ତ୍ତବୀର୍ଯ୍ୟ ଶତ୍ରୁ ଅନ୍ତକ ।

Digitized by srujanika@gmail.com

ଉନ୍ମୋଚିତ ଆଜ ଲୁପ୍ତ ଇତିହ, ନାହିଁ ସନ୍ଦେହ
କଳିଙ୍ଗର ଐଶ୍ୱର୍ଯ୍ୟ କଳଙ୍କୋଜ୍ଜ୍ୱଳ
ଶତ୍ରୁ ଆସି ଆକ୍ରମଣେ ସଫଳ
ହୋଇ ନଶେଷିଲେ କଳିଙ୍ଗ ବଳ
ଗଞ୍ଜାମ ପାଲୁରୁ ବନ୍ଦର ଦେଇ
ପରାଜିତ ସବୁ ଶକ୍ତି ଠୁଳେଇ
ସୁମର ପୂର୍ବ ପୁରୁଷପଥ
ସାଗରପାରେ ଗମିଲୁ ଶତ
ଶୈଳେନ୍ଦ୍ର ସାମ୍ରାଜ୍ୟ ସୁବର୍ଣ୍ଣଦ୍ୱୀପେ
ଶ୍ରୀ ବିଜୟ ରାଜ୍ୟ ହୋଇଲା ଦର୍ପେ ।

ଧନ୍ୟହେ ଶୈଳେନ୍ଦ୍ର ବଂଶାବତଂଶ, ଦୁର୍ଦ୍ଧର୍ଷ ପୁଂସ
ଦର୍ପି ଦର୍ପହର ଦୃପ୍ତ ଜିଗିଷୁ
ଦୃଢ଼ ସ୍ଥିତପ୍ରଜ୍ଞ ବାଣିଜ୍ୟ ଲିପ୍ସୁ
ସାଧୁ ସୌଦାଗର ଉପଚିକୀର୍ଷୁ
ମହାରଣରଙ୍କା ରଣକେଶରୀ
ରଣଜୟୀ ଯୁଦ୍ଧେ ଯଶ ବିସ୍ତାରି
ସାଗରପାରେ ସ୍ଥାପି ସାମ୍ରାଜ୍ୟ
ତିନି ଶତାବ୍ଦୀ ଶାସିଲ ରାଜ୍ୟ
ସାର୍ଥକ ସାଗର ସମ୍ରାଟହେବେଶେ
ଥାଏ କିବା ପାଟ-ମାଗଧ-ବେଶେ ।

କାଳଗତି ସଙ୍ଗେ ତାଳ ପକାଇ, ଏ ଜାତି ଯାଇ
ସ୍ୱଧର୍ମୀ ସାଗର ସମ୍ରାଟ ସଙ୍ଗେ
ହିନ୍ଦୁ କିବା ବୌଦ୍ଧ ଧର୍ମ ପ୍ରସଙ୍ଗେ
ସଭ୍ୟତା ସଂସ୍କୃତି ବିସ୍ତୃତି ରଙ୍ଗେ
ବହୁ ଆକାଂକ୍ଷିତ ଦେଶ ଭ୍ରମଣେ
ସମୃଦ୍ଧ ବଣିକ ଜୀବନ ଧ୍ୟାନେ
ପୃଥିବୀ ପ୍ରାନ୍ତ ଯେ କେଉଁ ସ୍ଥଳେ
ବିରଚିବାସ ସେ କୁତୂହଳେ
ସସମ୍ମାନେ ସୁଖ ଶାନ୍ତି ସନ୍ତୋଷେ
ବିଳସି ଜୀବନ ବିପୁଳାଦର୍ଶେ

Digitized by srujanika@gmail.com

ପୋତାଯେତେ ଉଚ୍ଚ ସେତେ ନ୍ୟାୟରେ, କର୍ତ୍ତୀ ଭାସ୍ୱରେ
ଧର୍ମ ଭାବୁକତା ଅନ୍ତଃ ମଲ୍ଲୀଳା
ସ୍ୱପ୍ନ ବିଳସିତ ଲଳିତ କଳା
ଘ୍ରାଣ ରୂପାୟନେ ହୋଇ ଉତ୍ତଳା
ସୌନ୍ଦର୍ଯ୍ୟ ମାଧୁର୍ଯ୍ୟ ମହାଗାମ୍ଭୀର୍ଯ୍ୟ
ମହାର୍ଘ ସ୍ଥାପତ୍ୟ ଚନ୍ଦ ଭାସ୍କର୍ଯ୍ୟ
ଲୀଳା ବର୍ଦ୍ଧନ ରୂପ ମାଧୁରୀ
ନୟନ ମନ ତୃପ୍ତ କରି
ସାଗର ସାମ୍ରାଜ୍ୟ ଚୈତନ୍ୟ ମଧ୍ୟରେ
ଏ ଜାତି କରଣ୍ଡି ରଜେ ରୁଚିରେ ।

ଧର୍ମ ସଉନ୍ଦର୍ଯ୍ୟ କଳା ସଂଶ୍ଲିଷ୍ଟ, ଜାତି ବୈଶିଷ୍ଟ୍ୟ
ବିରାଟ ପୌରୁଷ ଆତ୍ମକର୍ଷଣେ
ଧର୍ମ ଗୂଢ଼ତତ୍ତ୍ୱ ଅନୁଶୀଳନେ
ଇହପର ମୁକ୍ତି ମୋକ୍ଷଚିନ୍ତନେ
ସୂକ୍ଷ୍ମ ବୃନ୍ତକଳା ଉପେୟମଣି
ଅରୂପରେ ରୂପ ରସପ୍ରଦାନ
ଅପୂର୍ବ ଚନ୍ଦ ବିଚନ୍ଦ ଘଟେ
ବରବୁଦର ଅଙ୍କୁର ବଟେ
ସ୍ୱପ୍ନ ସହସତ୍ୟ କରି ସମ୍ଭବ
କଳାପାଠବର ରଚେ ତାଣ୍ଡବ ।

ଅସ୍ଥି ମଜ୍ଜାଗତ ସୌନ୍ଦର୍ଯ୍ୟ ଲିପ୍ସା, ଜାତି ଅଭୀପ୍ସା
ସରଗ ସମ୍ଭାର ସୁଷମା ଢଳ
କଳା କଉତୁକ କଳାକୁଶଳୀ
କୋଟି କମନୀୟ ପ୍ରସାଦାବଳୀ
କାଉଁରି କାଠିରେ କମିଆଁ ଖଞ୍ଜି
ଅପୂର୍ବ ପାରଦେ କନକ ରଞ୍ଜି
ପାଷାଣ ଦେହେ ପ୍ରାଣ ସଞ୍ଚରି
ସୌନ୍ଦର୍ଯ୍ୟ ରୂପ ତୃଷ୍ଣା ନିବାରି
ସତ୍ୟ ସନାତନ ସିନ୍ଧୁ ସମୀର
ଦୋଳିତ ଚପଳ ଘୋଷେ ସେ ଗୀର

Digitized by srujanika@gmail.com

ଆଜସେ ଉତ୍କଳ ଶିଳ୍ପୀ ଶ୍ରମିକେ, କ ଦୁର୍ବିପାକେ
ଦାନା କନା ବନେ ହୋଇ ଆକୁଳ
ଭିଟାମାଟି ମାୟା ମମତା ଭୁଲି
କେରଳେ କାଶ୍ମୀରେ ବାଦନ କୁଲି
ଆଜି ତା'ର ନେତୃ କ ବୁଦ୍ଧିମନ୍ତ
ନବ୍ୟ ନବତଳ ପ୍ରାସାଦେ ସ୍ଥିତ
ପାଦେ ପାରସ୍ୟ ଗାଲିଚ୍ଛ ଦଳି
ଶାସନକଳ ଶିର ମଣ୍ଡଳି
ଶୀତତାପ କକ୍ଷେ ଯୋଜନା ଯୋଡ଼ି
ଖେଚୁଡ଼ି ଖାଇସେ ମାରେ ହେଉଡ଼ି ।

କାହିଁସେ ମହତ ମହାମାନବ, ମହାନୁଭବ
ପ୍ରଭୁ ପ୍ରୀତି ଅର୍ଥେ ହୋଇ ବ୍ୟାକୁଳ
ତୋଳ ସୁବିଶାଳ ବଡ଼ ଦେଉଳ
ତହେଁ କରାଇଲେ ଜଗତ ମୂଳ
ଭାବ ଭାବଗ୍ରାହୀ ଭକତ ଭୂପ
ଯାଚି ବରଦେଲେ ଭକ୍ତ ବାନ୍ଧବ
ବାନପ୍ରେମି ପ୍ରଭୁ ଚରଣେ
ନିର୍ବଂଶ ବର ବଳା ଆପଣେ
ମଣି ଯେ ମହତ ଜନପ୍ରବାଦ
ସ୍ୱୟଂ ଜଗନ୍ନାଥ ବଢାନ୍ତି ଶ୍ରାଦ୍ଧ ।

ଉତ୍କଳର ହିମାଳୟ ମହେନ୍ଦ୍ର, ଗଜେ ନଗେନ୍ଦ୍ର
ଉତ୍କଳ କମଳା ଉନ୍ନତବ୍ରକ୍ଷ
ଗୃହେଁ କ୍ଷୁବ୍ଧଚତ୍ତେ ସମୀପବର୍ତ୍ତୀ
ଆପଣା ତନୟା ଘର ବସତ
ବାରୁଆ, ଟିକାଲି ଲଙ୍ଗୁଳାଭୂଷା
ସହ ମଞ୍ଜୁଭାଷା ଭାଷୀ ମଞ୍ଜୁଷା
ବାଷାଦେ ବଞ୍ଚେ ବଞ୍ଚିନାଅଲେ
ଭୁକ୍ତ ତାଚ୍ଛଲ୍ୟ ଭୟ ବାକଲେ
ତନୟା ମୁହାଁଣେ ଅପୁତ ସଂଖ୍ୟେ
ଓଡ଼ିଆ କୈବର୍ତ୍ତ ଅତି ଅରକ୍ଷେ ।

Digitized by srujanika@gmail.com

ଦକ୍ଷିଣ ଉପାନ୍ତ ଉତ୍କଳମଣି, ବାହୁଦା ଧନ୍ୟ
ତୀର ବାହୁଦାନେ ନାମ ବାହୁଦା
ଉତ୍କଳୀୟ ନାମ ଧାମେ ସମୃଦ୍ଧା
ମାତ୍ର ତାର ଅଙ୍ଗଚ୍ଛେଦ ବହୁଧା
ସାଗର ପ୍ରବେଶୁ ବକ୍ଷ ବସ୍ତାର
ହ୍ରଦେ ରୂପାନ୍ତର ଯାଏ ପ୍ରସର
ସୁବାଣୀ, ସୁନାପୁର, ସୋରଲ
ଗୃଳସିମସ୍ତ କୈବର୍ତ୍ତକୂଳ
ଆନ୍ଧ୍ରେ ଇଚ୍ଛା ଇନ୍ଦ୍ରପୁର ବସନ୍ତି
ବଂଶ ସସ୍ତ୍ରଉତ୍ର କଣ୍ଡ୍ରଗ ଜାତି ।

କୋରାପୁଟ ଧନ୍ୟ ଗିରିଗହ୍ୱରେ, ନଦୀ ବହୁଳେ
ତୀର ଗଜପତି ବଂଶ ବିଶ୍ୱସ୍ତ
ନନ୍ଦପୁରଗୁଣ ଗୁଣି ଗର୍ବିତ
ବଂଶଧାରା ଗୁଣ ପୂରେ ଧାବିତ
ଇନ୍ଦ୍ରାବତୀ, ହାତୀ, କୋଲାବ ଆଦି
ଚନ୍ଦ୍ର ଶିଳ୍ପାୟନ ଦେଶ ସମୃଦ୍ଧି
ସିଲେରୁ, ମାଛକୁଣ୍ଡଉତ୍ତମା
ଜଳପ୍ରପାତ ବିଦ୍ୟୁତ ଭୂମା
ଆନ୍ଧ୍ର, ମଧ୍ୟ, ସୀମା ସୀମାନ୍ତ ଲମ୍ବି
କ୍ଷୁଦ୍ର ମାତ୍ର କୃଷି କଲ୍ୟାଣେ ପର ।

ବଂଶଧାରା ନାଗାବଳୀ ସେବିତ, ଶ୍ରୀକୂର୍ମନାଥ
ଗଙ୍ଗ ରାଜବଂଶୀ ଇଷ୍ଟ ଦେବତା
ଯାପୁଣ୍ୟ ପ୍ରସାଦେ ହୋଇ ବିଜେତା
ସିଂହଳେ ସାମ୍ରାଜ୍ୟ କଲେ ସ୍ଥାପିତା
ସେ ରକ୍ତ ସମ୍ପର୍କେ ସିଂହଳପତି
ରଷ୍ଟ ନାଶେ ଇଷ୍ଟ ଦେବତା ଚନ୍ତ
ନବେନ୍ଦ୍ରପୂତ ଭକତି ଅର୍ଘ୍ୟ
ଲଙ୍ଘି ଅନନ୍ତ ସିନ୍ଧୁ ଅଲଙ୍ଘ୍ୟ
ସୁବର୍ଣ୍ଣ, ଗୋଦାନେ ଶ୍ରୀକୂର୍ମନାଥ
ସନ୍ତୋଷି କୃତାର୍ଥ ଶ୍ରୀ ଲଙ୍କନାଥ ।

Digitized by srujanika@gmail.com

ସ୍ମରିଲେ ଅତୀତ ସ୍ମୃତି ଅସୀମ, ଅଙ୍କୁରେ ପ୍ରେମ—
ନିବିଡ଼ ନିଶ୍ଚିତ ଆମ ସମ୍ବନ୍ଧ
ଶ୍ରୀଲଙ୍କା ସହିତ ଆମ ସାନ୍ନିଧ
ଭାରତେ ଜେ ଆମ ସମାନ ସ୍କନ୍ଧ
ଆମ ଭାଷା ନାମ ଧାମ ସଂସ୍କୃତି
ପ୍ରେମଦାସ ରଣ ସିଂହେଆକୃତି
ଜୟବର୍ଦ୍ଧନ ସେନାନାୟକ
ଆମ ଧମନୀ ରକ୍ତ ବାହକ
ଧର୍ମ ବଦଳିଛି ରହିଛି ଜାତି
ନଟେଶ ପଡ଼େ ହାତ ଫୁଲଇ ଛାତି ।

ଏ ଜାତି ଚଳନ୍ତି ବସ୍ତ୍ର ସେଦିନ, କଲେ ଶାସନ
ବୀର ଗଜପତି ଗଉଡ଼ ସାଇଁ
ନବକୋଟୀ ଶିଖେ ଧ୍ୱଜା ଉଡ଼ାଇ
କଳ ବର୍ଗେଶ୍ୱର କର୍ଣ୍ଣାଟ ଡେଇଁ
ଗୋଦାବରୀ, କୃଷ୍ଣା, କାଞ୍ଚିକାବେରୀ
ମଛିଲି ପଟ୍ଟମ ତ୍ରିଚିନାପଲ୍ଲୀ
ବିଜୟୱାଡ଼ା କୋଣ୍ଡେରୁ କୂଳ
ଭୀମବରମ ନାରସାପୁର
ପ୍ରାଚୀନ ଓଡ଼ିଆ ନାଉରିସେନା
ଓଡ଼ରୂପେ ଦୋଦା ଚିହ୍ନାଅଚିହ୍ନା ।

ରକତ ସମ୍ପର୍କ ଅବର୍ଣ୍ଣନୀୟ, ଅଚିନ୍ତନୀୟ
ସୁବର୍ଣ୍ଣକେଶରୀ ସାରିଲେ ଆଉ
କଳିଙ୍ଗ କେଶରୀ ଶୁଣି ତ୍ୱରିତ
କ୍ଷିପ୍ର ବ୍ୟୋମଯାନେ ଚଢ଼ି ତୁରିତ
ନିଶ୍ଚିତ ମରଣ ଗହ୍ୱରେ ପଶି
ସ୍ୱକୀୟ ପୌରୁଷ ଶକ୍ତି ପ୍ରକାଶି
ସାରିଲେଉଦ୍ଧାର ସ୍ୱନାମଧନ୍ୟ
ବିପୁଳଯଶା ବୀରାଗ୍ରଗଣ୍ୟ
ଲଭି ଜୟମାଲ୍ୟ ବିଜୟଟୀକା
ସାହସୀ କଳିଙ୍ଗ ଜୀବନ୍ତଶିଖା ।

Digitized by srujanika@gmail.com

ଉତ୍କଳ ସାଧବ ବଂଶାଭିମାନୀ, ବଣିକାଗ୍ରଣୀ
ଦେଶ ଶିଳ୍ପାଙ୍ଗନେ ଦୃପ୍ତ ଦରଦ୍ଧ
ବିଦେଶୀ ବାଣିଜ୍ୟ ସୂତ୍ରେ ସମ୍ପାଦ
ସମ୍ଭାଇ ଇନ୍ଦରା ସ୍ୱଚ୍ଛନ୍ଦେ ବନ୍ଦୀ
ଉଦାର ହୃଦୟ ଅକୁଣ୍ଠ ଚିତ୍ତ
ଦେଶ ଦଶହିତେ ବିତରି ବିତ୍ତ
କଳିଙ୍ଗପୁର ସ୍ମାର ସରଜି
ବିଶ୍ୱ ବିଶ୍ରୁତ କୀର୍ତ୍ତି ଅରଜି
କଳିଙ୍ଗର ମହାମେଘବାହନ
ବୀର ଖାରବେଳ ଙ୍କ ଆଗମନ ।

ଇତିହାସ ପୃଷ୍ଠା ସ୍ୱର୍ଣ୍ଣେ ଝଲସି, ଉଚ୍ଚେ ପ୍ରଶଂସି
ଦିଲ୍ଲୀ ଦରବାରେ ମହାସମ୍ମାନେ
ଶୁଭ୍ର ଗଣ୍ଡୁସୀ ଗୌରବଗାନେ
ମହିମ ମହିମା ପ୍ରତିଷ୍ଠାଳନେ
ଅର୍ପିଲେ ସମଗ୍ର ଇଣ୍ଡୋନେସିଆ
ସ୍ମରି ପୁଣ୍ୟଶ୍ଳୋକ କର୍ତ୍ତୀ ପ୍ରକୃତ୍ୟା
ଅପରିଗ୍ରହ ବ୍ରତ ଆଚରି
ସ୍ୱଇଚ୍ଛେ ସର୍ମ୍ପି ସୁବର୍ଣ୍ଣଗିରି
କଳିଙ୍ଗର ମହାମେଘବାହନ
ବୀର ଖାରବେଳ ଙ୍କ ଆଗମନ ।

ପୁରାଣ ପ୍ରସିଦ୍ଧ କଳିଙ୍ଗ ଯଶ, ଆଟଣ ବିଶେଷ
ମୁକାବିଲି କରି କେନ୍ଦ୍ର ଶକତି
ଅଟଳ ପ୍ରତିଜ୍ଞେ ପଡାଇ ଗ୍ରନ୍ଥି
ବାତଚକ୍ରପ୍ରାୟେ ଭ୍ରମି ସନ୍ତତ
ମୃତ ସଞ୍ଜୀବନୀ ମନ୍ତ୍ର ସଞ୍ଚାରି
ଜୀବନ୍ମୃତ ପ୍ରାଣେ ଜାଗୃତି ଭରି
ଅଦୃଷ୍ଟପୂର୍ବ ଶକ୍ତି ସାମର୍ଥ୍ୟେ
ଅଶ୍ରୁତପୂର୍ବ ଶୌର୍ଯ୍ୟ ବିକ୍ରାନ୍ତେ
ଜନଜନାର୍ଦ୍ଦନ ଯୁଗବିପ୍ଳବୀ
ସୁଦକ୍ଷ ଶାସକ ମହାନୁଭବୀ ।

Digitized by srujanika@gmail.com

ଅଖଣ୍ଡ କଳିଙ୍ଗ ବୀର ପୁଙ୍ଗବ, ମହାନୁଭବ
ସୁବିଶାଳ ବକ୍ଷ ବଜ୍ର ଗରିଷ୍ଠ
ବଳୀୟାନ୍ ଭୁଜ ବଳେ ବଳିଷ୍ଠ
ଦୀର୍ଘ କାୟାକ୍ଲେଶେ କର୍ତ୍ତବ୍ୟନିଷ୍ଠ
ସତ୍ୟସନ୍ଧ କର୍ମଯୋଗୀ କୌଶଳୀ
ନୀତିନିଷ୍ଠ ବିଦ୍ୟା ବିନୟଶାଳୀ
ଦକ୍ଷବିମାନୀ ଦୃପ୍ତ ବିଜ୍ଞାନୀ
ପ୍ରଥିତଯଶା ଆତ୍ମାଭିମାନୀ
ଯୋଗଜନ୍ମା ଜାତିସ୍ମର ଯାନ୍ତ୍ରିକ
ସ୍ଫୁଟଜ୍ୟୋତି ଜାତି ଯଜ୍ଞ ଯାଜ୍ଞିକ ।

ସୁବିଦିତ ସ୍ୱାଧୀନତା ସଂଗ୍ରାମୀ, ସ୍ୱଦେଶ ପ୍ରେମୀ
ଅବିସମ୍ବାଦିତ ବରେଣ୍ୟ ନେତା
ଦିବ୍ୟ ଦିଗଦର୍ଶୀ ସ୍ୱାଧୀନଚେତା
ମହାନ ତେଜସ୍ୱୀ ଓଜସ୍ୱୀବକ୍ତା
ବୈଷୟିକ ଜ୍ଞାନ ଦୀପ୍ତ ମନୀଷା
ସୂକ୍ଷ୍ମ ଶିଳ୍ପଶାସ୍ତ୍ର ବିଭୂତିଭୂଷା
କର୍ମକ୍ଷଣେ ଅବାଧ ଗଣି
ଅବ୍ୟର୍ଥ ଲକ୍ଷ ସିଦ୍ଧି ସନ୍ଧାନ
ଶରଣ ସୋଦର ସୁହୃତ ସଖା
ବାଜେ ବଜ୍ର ଘୋଷେ ବିଜୟ ଡକ୍କା ।

ଯୁଗଧର୍ମୀ ଧ୍ୟାନେ ହେଲେ ହେଁ ବ୍ରତୀ, ସ୍ୱଧର୍ମେ ସ୍ଥିତି
ପ୍ରଭୁ ଜଗନ୍ନାଥ ଉତ୍ସର୍ଗୀ ଭକ୍ତ
ପୁଣ୍ୟ ପାଦାମ୍ବୁଜ ଧ୍ୟାୟୀ ନିରତ
ସର୍ବ ଶୁଭକର୍ମେ ମଣି ନିମିତ୍ତ
ସର୍ବାଙ୍ଗୀନ ଦେଶ ଉନ୍ନତି କଳ୍ପେ
ଶ୍ରମକର୍ମା ଶ୍ରେଷ୍ଠ ବଜ୍ର ସଙ୍କଳ୍ପେ
ଦୀକ୍ଷା ଗ୍ରହଣେ ମୁଗ୍ଧ ଜନତା
ଫିଙ୍ଗେ ସୁଦୂରେ ହୀନମନ୍ୟତା
ହୋଇବାକୁ ବିଶ୍ୱେ ସୁବ୍ୟବସ୍ଥିତ
ନେଇଥିଲେ ରକ୍ତମୁଖା ବଜ୍ର ଶପଥ ।

Digitized by srujanika@gmail.com

ମନୁଷ୍ୟ ହୋଇରୁ ଅଦ୍ଭୁତ ଜୀବ, ଅନ୍ୟ ସ୍ୱଭାବ
ଚାଲି ତୋ ଟିଟିଁଯା ପକ୍ଷୀର ସମ
ମାଛରଙ୍କା ହେଉ ମାଛଙ୍କ ଯମ
ପାଣିକୁଆ ପରି ଦେଖାଉ କ୍ରମ
    ଓଧ ପଊ ଭୁଡୁ ମାରୁଚେ ବୁଡ଼ା
    ଖଣ୍ଡି ଉଡ଼ା ଜଟଳ ଯେମନ୍ତି କୁକୁଡ଼ା
ବକ ଧିଆନ ବାଜ ସ୍ନାହାନ
ବତକ ପ୍ରାଣ ଡ଼ାହୁକ ଜ୍ଞାନ
    ବାଲୁଆ ବଗୁର ମାଙ୍କଡ ବୁଦ୍ଧି
    ହାଣ୍ଡ ହୋଇ ଯୁଝୁ ମଶକାକୁଣ୍ଡ ।

ଅକର୍ମ ଜନମ ହୁଏ କଣ୍ଟକ, ହୋଇ ବଣ୍ଟକ
ଚତୁର୍ମାସ୍ୟା ଦନେ ହୁଅଇ ବଢି
ଶୀତ ଗ୍ରୀଷ୍ମମାସେ ନ ମିଳେ ପଡ଼
ଖରା ଗ୍ରୀଷ୍ମମାସେ ଯାଉଛୁ ଝୁଣ୍ଡ
    ବନ୍ଧେ ଚଇତାଳି ଅଣଗୁଆସ
    ଉଡ଼ାଏ ଛପର ଭଗଇ ବାପ
ହେଉଗି ବରଷ ସାରା ଅଭାବ
ପେଟରୁ କାଟି କଣୁଛୁ ନାବ
    ବୋଲୁ ନଉବାଟି ଜମି ଦଖଲ
    ଆଦାୟ ବୋଇଲେ ନାହିଁ ଫସଲ ।

ବୁଦ୍ଧି ତୋହର ବଡ଼ ସରସ, ନୋହିଲେ କସ
ଭୁଚ୍ଛା ହାତେ ଫେରୁ ପଚମି ଦନ
ଦନେ ଅଧେ ହୁଏ ଟାଣ ଅର୍ଜନ
ସେଦନ ତୋ ଗୁପ୍ତ ଉଠେ ଫୁଲାଣି
    ପଡ଼ଗଲେ ହାତେ କଞ୍ଚା ପଇସା
    ତୋଡ଼ୁକୁଣି ଗାଇ ଭଲ ତୋ ନଶା
ମଳଗୁଡ଼ଆ ପୋଚକାପିଠା
ଜାଗୁଲୁ ବସି ନଥିବ ସିଠା
    ଅଧଲର ମୂର୍ତ୍ତି ଘରେ ନନେଉ
    ବାଳୁଡକୁ ଭୁଚ୍ଛା ଚୁମ୍ବନ ଦେଉ ।

Digitized by srujanika@gmail.com

ଅଖା ଧୋଇଚୋ ଗୁଣ ଗାଇବ, ସୁମରୁ ଥିବ
ସମୁଦ୍ର ଶୁଖିଲା ବାଲି ମୁଠାରେ
ଚପୁଡ଼ିଲେ ରସ ବାହାରିପାରେ
କେ ତୋତେ ବୁଝାଇ ପାରିବ ଆରେ
ସାଧୁ ଉପଦେଶ ନଶୁଣୁ ଭଲେ
ପଡ଼ୁଛୁ ଖାଲେ ଅଥବା ଢିଲେ
ଭୁଲାକୁ ମାଜ ଗରବେ ଫୁଲୁ
ବୃଥା ଆସ୍ଫାଳ ଗରଜ ମରୁ
କେବେ ସଦ୍‌ବୁଦ୍ଧି ଫେରି ଆସିବ
ଉଷୁନା ଧାନରେ ଗଜା ହୋଇବ ।

ନଅଣ୍ଟ ଚିଲିକା ସମୁଦ୍ର ନଦୀ, ହେଉଛୁ ଧନ୍ଦ—
ଖଣ୍ଡିଆ ଖାବଡ଼ା ବନ୍ଧ ଗାଡ଼ିଆ
ଖଣ୍ଡି ଖାଡ଼ଖଣା ବଙ୍କଟେ ଢ଼ିଆ
ନୋହୁ ଜାଗା ଯହିଁ ନୋହୁଛି ଠିଆ
କେତେ ଭୂତ ଖାଲ ମଡ଼ା ମଶାଣି
ଭଇରବ ଗଣ୍ଡ ହାଣ୍ଡି ଭୁଡ଼ାଣି
ସର୍ପ, ଶ୍ୱାପଦ ନିବାସସ୍ଥଳ
ଚଣ୍ଡି ଗୃମୁଁଣ୍ଡା ନିଷିଦ୍ଧାଞ୍ଚଳ
ନାହିଁ ଯାଗା ଯହିଁ ନୋହିବୁ ଠିଆ
ଆଉ କାହିଁ ସ୍ଥାନ ସାରା ଦୁନିଆଁ !

ମତ୍ସ୍ୟ ଦେଶର ମତ୍ସ୍ୟଜୀବିରେ, ଶୁହାଁ ସଧୀରେ—
ହାଣ୍ଟିଗୁଣ୍ଡ ବୁଡ଼ା ପାଣି ମଧ୍ୟରୁ
ମାଛ ଧରୁଛୁ ନା ଗେଣ୍ଡାକୁ ଧରୁ
ମିଛରେ କମ୍ପାଇ ଗରଜ ମରୁ
ଖାଲୋଇ ଚଳ ହୋଇଛୁ କଣା
ଯେତେ ଭରିକଲେ ନୁହେ ଭରଣା
ସଖାନ୍ତୁ ଆସି କରୁ ତୁ ସଞ୍ଜି
ନହବ ଘର ଖଞ୍ଜି ଅଖଞ୍ଜି
କପରି ହେବରେ ଘରକରଣା
ଘରଣୀ ସହଜେ ହୋଇବ ବଣା ।

Digitized by srujanika@gmail.com

ସବୁ ଶ୍ରମ ଯାଏ ଫସରଫାଟି, ଶୁଣୁଁ ତସ୍ୱି
ତିନି ଚତୁର୍ଥାଂଶ ଧରାରେ ଜଳ
ଅଛି ଗଣ୍ଡି ନାହିଁ ଯା ଥଳକୂଳ
ତାହାର ନଅଣ୍ଟ ହେଉ ବିକଳ
ଶୀତେ ଝାଳବୋହି ପେଟକୁ ଖେଣ୍ଟ
ଗ୍ରୀଷ୍ମେ ସନ୍ନିପାତ ଗରମ ପେଟ
ପାହାଡ଼ ସଂଖ୍ୟା ଛିଣ୍ଡଇ ଜାଲ
କଣା ଖାଲୋଇ ନକରେ ବୋଲ
ଜବଳ ଲହରି ଭାଙ୍ଗଇ ଡଙ୍ଗା
ଫୋପଲ୍ଲ କାତୁଆତ ସହଜେ ଭଙ୍ଗା ।

ଦାନ ପୁଣ୍ୟ କିଛି କରୁ ଅର୍ଜନ, ସହ୍ନ କଷଣ—
ମହୋଦଧି ସ୍ନାନ ପାଉ ସନ୍ତତି
ତା କୂଳ ସମୀପେ ତୋର ବସତି
ନାହିଁକି ତୋହର ଗତି ମୁକତି
ପତିତପାବନୀ ଗଙ୍ଗା ପ୍ରଭାବେ
ତୋ ଦୁଃଖ ଦାରିଦ୍ର୍ୟ ନଘୁଞ୍ଚେ ଲବେ
ମହାବାରୁଣୀ ମାହେନ୍ଦ୍ର ଯୋଗ
ଅମୃତବେଳା କରୁଛୁ ଭୋଗ
ଏତେ ପୁଣ୍ୟରାଶି ସକଳବ୍ୟର୍ଥ
କେଉଁକାଳେ ହେବୁ ତୁ ସାମରଥ ।

ନିରେଖି ତୋ ବାସସ୍ଥଳ ବସତି, ଆସେ ତୃପତି—
ପୁଣ୍ୟତୋୟା କୂଳେ ସଦା ବିହାର
ପୂତ ସରୋବରେ ତୋ କାରବାର
ପବିସ ସରରେ କରୁ ବେଭାର
ଦେବଦେବୀ ପଦ କ୍ଷାଳନେ ପୂତ
ଆର୍ଯ୍ୟ ଋଷିଗଣ ଗୁଣରେ ଯୁତ
ତ୍ରିବେଣୀ ଘାଟ, ଷ୍ଣରଥା ବଳ
ପଙ୍କ ପରା ତୋ ଶିରମଣ୍ଡଳ
ବୋଳି ହୋଇ ସଦା ତୁ ଭୋଳାନାଥ
କଡ଼ାକର ବୁଦ୍ଧି ନାହିଁ ତୋ ମାଥ ।

Digitized by srujanika@gmail.com

ସମାଜବାଦର ଡିଣ୍ଡିମ ବାଜେ, ଦେଶେ ସହଜେ
ଆଜି ପରା ଦେଶ ଜନମଙ୍ଗଳ
ଆଦର୍ଶ ସ୍ଥାନୀୟ ଶାସନକଳ
ଗରିବ ହଟାଓ ପଡ଼େ ଚହଲ
କୃଷି ଉତ୍ପାଦନ ଉନ୍ନତି ଅର୍ଥେ
ଭୂରାଜସ୍ୱ ଖର୍ଚ୍ଚ ବିବିଧ ପଥେ
ହ୍ରଦ ପୋଖରୀ ନଦୀ ନିଲାମ
ତୋର ହିତାର୍ଥେ ହଏ କି କାମ
କୋଳ ଖାଇ ମଞ୍ଜି ପୋତିଅଛୁକି
ତୋ ପାଇଁ ସେ ଟଙ୍କା ଖର୍ଚ୍ଚ ହେବକି ?

ଧର୍ମି ପଞ୍ଚାୟତ ରାଜ୍ୟ ପ୍ରତିଷ୍ଠା, ବଢ଼ାଏ ନିଷ୍ଠା
ତୋ ଜୀବିକାସ୍ଥଳ ବନ୍ଧ ପୋଖରୀ
ହେଲା ପଞ୍ଚାୟତ କୋଠ ମାହାରି
ବୁଡ଼ିଲା ଜୀବିକା ହେଲୁ ଭିଖାରି
ପଞ୍ଚାୟତ ଗୃହେ ପୋଖରୀ ଲଭେ
ତୋର ଥଇଥାନ ହେଲା କି ଲବେ
ଚୂଡ଼ା କୁଟାକି କଲ ଦଖଲ
ନଈଘାଟେତ ହରିଲା ପୋଲ
ନଉକା ବେପାର ମଟର ଗ୍ରାସେ
କିଂକର୍ତ୍ତବ୍ୟମୂଢ଼ ସନ୍ତୁଳି ହାସେ ।

ସାଧାରଣ ମତ ତୋ ପାଇଁ ନାହିଁ, ରହିଥା ଚୁହିଁ—
ହୋଇଛି ଦେଶରେ ଖଜଣା ଛୁଡ଼
ଭାଙ୍ଗୁଥିଲା ଯାହା ଚାଷୀଙ୍କ ହାଡ଼
ତୋ ମୁଣ୍ଡେ ଭାଙ୍ଗଇ ସିନା ପାହାଡ଼
ବର୍ଷକେ ଖଜଣା ଦଶ ପର୍ସେଣ୍ଟ
ବଢ଼ି ବଢ଼ି ଗଲେ ବଡ଼ ଅର୍ନେଣ୍ଟ
ତାହାରି ଯାଏ ପଡ଼େ ଚଡ଼କ
ଶ' ବରଷର ଯାଅଇ ହକ
ତୋ'ଠୁ ନେଇ ଅନ୍ୟେ ଭୁଞ୍ଜନ୍ତି ଶିର
କପାଳ ଆଦରି ରହିବୁ ଥିର ।

Digitized by srujanika@gmail.com

ଧର୍ମ ଗୂଢ଼ତତ୍ତ୍ୱ ବୁଝିବୁ କାହିଁ, ସାଧନା ନାହିଁ
କିଣିଲେ କଙ୍କଡ଼ା ସାଧୁ ଆନନ୍ଦେ
ଶିଷ୍ୟ ଉପଗତେ ପଡ଼ି ବିପଦେ
କଙ୍କଡ଼ା ବାନ୍ଧିଲେ କୋଥଳି ମଧ୍ୟେ
        କରିଲା କୋଥଳି ଧୀର ଗମନ
        ଶିଷ୍ୟ ପୃଷ୍ଠେ ଗୁରୁ ଭକ୍ତି କାରଣ
ଦେଖି ଦେଖିଏ ଗୋବିନ୍ଦଶାନ୍ତ
କୋଥଳି ଠେଲି କରନ୍ତି ଗତି
        ସାରୁ ଭିତରେ ଯେ ରହିଲା ମାରୁ
        ନ ଜାଣିଲେ କେହି ଗୁରୁ କୃପାରୁ ।

ଗ୍ରାମେ ଥିବ ଯଦି ଏକ ପୋଖରୀ, ସର୍ବେ ବାହାରି
କରିବାକୁ ପୁଣ୍ୟ କରନ୍ତି ରାଜି
ଧର୍ମ ଅନୁଷ୍ଠାନ ଦାତବ୍ୟ ଭୋଜି
ପୋଖରୀର ଆସ୍ଥ ବସିବେ ମାଛ
        ସଲା କରିନେବେ ତୋର ନିଲାମ
        କପାଳ ତୋହର ହେବରେ ବାମ
ମୂଲିଆ ମୂଲେ ପଶିବୁ କାଦେ
ଲାଭ ନଦେଖି ତହିଁ ବିବାଦେ
        ବାଦ୍ ଜଡ଼ କଲେ ତହିଁ କଅଁତ
        ଗ୍ରାମରେ ବାସନ୍ଦ ହେବୁ ନିଶ୍ଚିତ ।

ଧର୍ମ ପୃଷ୍ଠ ତାଙ୍କ ହଂସୁଲିଶେଯ, ମନରେ ହେଜ—
ନିଲାମକୁ ଯଦି ଧରିବୁ ଭଣ୍ଡ
ମାଛ ବ୍ୟତିକ୍ରମେ ଭୋଜନ ଛାଡ଼
ନରୁଚିବ ତାଙ୍କୁ କ୍ଷୀରି ଖେଚୂଡ଼ି
        କୂଠେ କଉଶଳ ଫିକର କରି
        ଅନ୍ୟ ନାମେ ଥାନ୍ତୁ ନିଲାମ ଧରି
ସେ ଓଳତଳେ କରିବୁ ବସା
ପାଳିବୁ ତାଙ୍କ କୋମଳ ଭାଷା
        ସାବାସ ସାବାସ ବୋଲିବେ ତୋତେ
        ବାହାବା ବାହାବା ପାଇବୁ କେତେ ।

Digitized by srujanika@gmail.com

ଗ୍ରାମେ ଥିବେ ଧନୀ ସଉଦାଗର, ଧନ କୁବେର—
ପଇସେ ନଦେବେ ଲୁହାସିନ୍ଦୁକୁ
ଠକ୍କେ ଶହ ଦେଲେ ଫାଟିବ ବୁକୁ
ଶୋଷିବେ ତୋହର ରକ୍ତବିନ୍ଦୁକୁ
ତୋ ଜୀବକା ବୁଡ଼ି ତୁ ହଟହଟ।
ଦେଖି କରୁଥିବେ କେତେରେ ଥଟା।
ଅକର୍ମା ପୁଣି ହେବୁ ନକମା
ଦୁଃଖ ଧନ୍ଦାର ନଥିବ ସୀମା
ଜଳନ୍ତା ନିଆଁରେ କୁଟା ପକାଇ
ମଉଜ ଦେଖିବେ ତୋ ଗାଆଁ ଭାଇ ।

ନକର ନକର ଜଲେ ବେଉସା, କ ଲୋକହସା
ନଥା ଜୋର ପାଇଁ ନାହିଁ କାଠୁଆ
ନାହିଁ ଛଣି ସୂତା ନାହିଁ କାତୁଆ
ମିଛରେ କମାଇ ହେବୁ ଭକୁଆ
ନେଲେ ନେଉ କଏ ନଲମ ଘାଟ
ନୋହୁ ପଛେ କ୍ଷୁଦ୍ର ହେଉ ବଗାଠ
ତୋହର ସଙ୍ଗେ ସମସ୍ତେ ବାଦ
ମରିବୁ ସିନା ବଳଲେ କାନ୍ଦ
କରିଥାନ୍ତି ସିନା କୌତୁକେ ଖେଳ
ହୋଇଥାଏ ସବୁ ତୋହର ଠେଲ ।

କ୍ରୂର ଅତ୍ୟାଗୃର ଅମାନୁଷିକ, ସହୁ ଅନେକ
ରକ୍ତ ମାଂସ ପାଣି କରି ଢେରରେ
ମାଛ ଅଟକାଉ ଚିଲକା ଜଳେ
କୁଟୁମ୍ବ ପୋଷିବା ବୃଥା ଆଶାରେ
ପଙ୍ଗପାଳ ପରି ପଡ଼ୋଶୀ ଜନେ
ରାକ୍ଷସ ପାଲଟି ନଠୁର ପଣେ
ଦଳ ଚକଟି ଡାଟ ଧଉଡ଼ି
ଜୁର ନିଅନ୍ତ ମାଛ ଚଙ୍ଗୁଡ଼ି
କ୍ଷୀଣ ପ୍ରତବାଦେ ଟେଣ୍ଟା ପ୍ରହାର
ଝରଉ ସର୍ବାଙ୍ଗୁ ରକତଧାର ।

Digitized by srujanika@gmail.com

ଶ୍ରମିକ କଲ୍ୟାଣ ନାଗରାଗୁଣି, ଦେଉ ହୁଗୁଣି
କେନ୍ଦ୍ର, ବଡ଼, ଲୁଣ ଶ୍ରମ କଲ୍ୟାଣେ
ଲେଭି ବ୍ୟବସ୍ଥିତ ଉଚିତ ଧ୍ୟାନେ
ତାଙ୍କ ସ୍ୱାସ୍ଥ୍ୟ ଶିକ୍ଷା ହିତ ସାଧନେ
ପାଞ୍ଚଶହ କୋଟି ବିଦେଶୀ ଟଙ୍କା
ଚିଙ୍ଗୁଡ଼ି ରପ୍ତାନି ଆଣେ ତଟକା
ଚିଙ୍ଗୁଡ଼ି ଉପରେ ଲେଭି ବସାଣି
ତୋ ହିତେଚ୍ଛବ୍ୟସ୍ତ ଉଚିତମଣି
ମାଛ ସୃଷ୍ଟି ସାର ଦେଶେ ଯୋଗାଇ
ଦେଶ କର୍ତ୍ତବ୍ୟ କ ତୋ ପାଇଁ ନାହିଁ ।

ଉଡ଼ି ଉଡ଼ି ଯାଏ ଲୋଟଣି ପାରା, କ ଧରମରା
କରିବାକୁ ତୋର ନିଜ ବେଉସା
ନାହିଁ ସାମରଥ ପାଇଟି ମୂଷା
ପର ଅରଦଳ ତୋ ଦେହଭୂଷା
ମାଛ ମାରିବାକୁ ତୁହି ଜନମ
ମାଛ କାରବାରେ ସିନା ଅକ୍ଷମ
ଅନ୍ୟେ କରନ୍ତି ତୋର ବେପାର
ଶୋଷଣେ ହେଉ ତୁ ନାରଖାର
ମାଛ ମାରି ଶେଷେ ଖାଉ କଙ୍କଡ଼ା
ନଡ଼ାବଡ଼ା ପରି ହେଉ ଫୋପଡ଼ା

ମାଛ ମାରି କେବେ ମନ ଖୁସିରେ, ଖାଇଛୁ କରେ
ବଡ଼ ମଉଜରେ ମାଛର ଭଜା
ମାଛ ଭଜା ସଙ୍ଗେ ନୋହିବ ଖଜା
ତତଲ ଭଜାରେ ଆହୁରି ମଜା
ଗିଣିଗିଣା ଗୋଧି ଖାଇଛୁ ଜାଣି
ମାଛ ଅନ୍ତପ୍ରାଣ ପଇଉ ମଣି
ଖାଇବୁ କାହିଁ ଭେଟାବେକଟା
ବଡିଆ ଚେକା ନଥିବ କଣ୍ଟା
ମାଛ ଯୋଗାଡ଼ିଲେ ପିଠି ଫୁଙ୍ଗୁଳା
ଉଭୟ ସଙ୍କଟେ ବୁଡ଼େ ତୋ ଭେଳା ।

Digitized by srujanika@gmail.com

ମାଛ ବିନା କାହିଁ ଭୂରିଭୋଜନ, ହୁଅଇ ଗଣ୍ୟ
ବାବୁଏ ଖାଆନ୍ତି ଖଜୁର, ସେହି
ଆମ୍ବିଳ, ବେଶର, ଭଜା ବନେଇ
ଶୁଖୁଆ ଉପରେ ଶରଧା ନୋହି
ବଡ଼ ମାଛ ମଞ୍ଜି ହୁଅଇ ଲୋଡ଼ା
ଶୁଖୁଆ କେସନେ ବୋଲନ୍ତି ମଡା
ବୋଲେ କୋକିଳ କୋଟି ତୀର୍ଥାନ
ଡ଼ାକେ ତାମ୍ବଡ଼ା ସ୍ୱର୍ଗଗାମିନ
ଖଇଙ୍ଗା ଦର୍ଶନେ ଗଙ୍ଗାର ଫଳ
ପାତକ ନରହେ ତିଳ କି ତାଳ ।

ସଜ ମାଛ ଠାରୁ ଶୁଖୁଆ ଗୁଣ, ନୁହେ ନଗଣ
ଯାହା ଖାଦ୍ୟସାର ମାଛେ ଭରିଛି
ଶୁଖୁଆ ଭିତରେ ତାହା ପୂରିଛି
ଖାଏ ଯେକି ସେକି ପାରେ ମୁରୁଛି
ପୋଖତ ପଥିରେ ପିତା ଶୁଖୁଆ
ଅରୁଚ ଛଡ଼ାଏ ଚୂନା ଶୁଖୁଆ
ଲାଳ ଗଡ଼ପଡ଼େ ଟପଟପ
ଗିଳିଯାଏ ଭାତ ଖପଧପ
କରିଲେ ଶୁଖୁଆ ପତର ପୋଡ଼ା
ଅନ୍ୟ ତରକାରି ହୁଏନ ଲୋଡ଼ା ।

ପେଟେ ଭୋକ ତୋର ମୁହଁରେ ଲାଜ, ହେବକି କାର୍ଯ୍ୟ
ଭୂମଣ୍ଡଳ ଦୁଃଖୀ ତୁମ୍ଭ ଦେଶରେ
ଯା ହାକିମ ପାଖେ ଜଣାଣ କରେ
ଶୁଣିବେ ତୋ ଦୁଃଖ ତେଜର କର୍ଣ୍ଣରେ
ହୃଦେ ତାଙ୍କ ଜାତ ହେବ କରୁଣା
ତୋ ଦୁଃଖ କରିବ ତାହାଙ୍କୁ ବଣା
ଥରି ଉଠିବ କୋମଳ ତନୁ
ଉଠିବ କେତେ ଭାବନା ମନୁ
ଆବେଦନ ପତ୍ର ଗୁହାଁ ବ୍ୟବସ୍ଥା
କରିବେ ଯିବତୋ ହୀନ ଅବସ୍ଥା ।

Digitized by srujanika@gmail.com

କେ କାଟି ଦେଉଛି ତୋହର ମୁଣ୍ଡ, ମେଲିଲେ ତୁଣ୍ଡ
କି ବ୍ୟବସ୍ଥା ଏହି ଦୁରବସ୍ଥାକୁ
ରୁଷ ପ୍ରକୃତିର ହୀନାବସ୍ଥାକୁ
ଲକ୍ଷ ଦୁଃଖୀପ୍ରଜା ଅନ୍ୟ ସଂସ୍ଥାକୁ
ମତ୍ସ୍ୟଶୂନ୍ୟ ହୁଏ ଚିଲିକା ନଈ
ମୁହାଁଣ ପୋତଇ ସମୁଦ୍ର ଧାଇଁ
ହୁଅଇ ଛଡା ବନ୍ଧପୋଖରୀ
ଧନକୁ ଧନ ନିକମା କରି
ଦଳିତ ପତିତ ଜନକଲ୍ୟାଣ
ଦେଶ ଉନ୍ନତିର ଶୁଭ ଲକ୍ଷଣ ।

ଧର୍ମ ଅବତାର ଯାହାଙ୍କୁ ବୋଲୁ , ଓଲଟି ମରୁ
ଧର୍ମ ଅବତାର କରନ୍ତି କେଳି
ମଳି ମୁଣ୍ଡିଆଙ୍କୁ ବଗୁର ଛେଳି
ଗରିବ ଗୁରୁବା ପାଦରେ ଦଳି
ସେହି ଗାଆଁ ମାଟି ଗୋବରୀ ମାଝି
କାଞ୍ଛିତ ସୁଯୋଗେ ହାକିମ ସାଜି
ପୂରୁବ ଜନ୍ମ ସୁକୃତି ଫଳେ
ଗାଁ ମଣିଷରେ ବେବାକେ ଭୁଲେ
କାଣି ବରାଡ଼ର କି କରାମତି
ଲୁଚି ଅସରପା ପରେ ରାଜୁତି ।

ହାକିମ ହୁକୁମା ଭାଗ୍ୟ ବିଧାତା, ନଜାଣୁ କଥା ?
ଫାଇଲ ଜଞ୍ଜାଳ ସେ ଜର୍ଜରିତ
ଥାକ ଥାକ ଥାଏ ଫାଇଲ ସ୍ତୂପିତ
ବଡ଼ ବାତତୁଷ୍ଟ ତାଙ୍କର ଚିତ୍ତ
କୋଟି କୋଟି ଦଣ୍ଡବତ ପକାଇ
ଦରଖାସ୍ତ ଦିଅ ସମ୍ମୁଖରେ ଯାଇ
ଦେଖିବୁ ତାଙ୍କ କି କରାମତି
ଚଞ୍ଚଳ କରି କଲମ ଗତି
ଆବେଦନପତ୍ର ଗ୍ରହିଁ ବ୍ୟବସ୍ଥା
କରିବେ ଯିବ ତୋ ହୀନ ଅବସ୍ଥା ।

Digitized by srujanika@gmail.com

ଏ ଦେଶ ଶାଶନ ଗଲା ହୁଗୁଳ, ପଡ଼ୁଛି ହୁର
କଞ୍ଚା ହାକମଙ୍କ ଚଞ୍ଚା ରାଜୁତି
କା'କୁ ମାର କା'କୁ ତାର ଦଅନ୍ତି
ଲଣ୍ଡଭଣ୍ଡ ହୋଇ ସେ ନମରନ୍ତି
ବୁଡ଼ାଇବେ କଆଁ କାହୁଏ ଟଗୋଡ଼
ଅସୁନ୍ଦର ହେବ ପିନ୍ଧିବା ଯୋଡ଼
ପେଣ୍ଟ ଉପରେ କୋଟ ପକାଇ
ଆରାମ ଚୌକି ଆଉଜ ଯାଇ
ଝଟାପଟ କରି ଯିବେ ସେ କାମ
ଫାଇଲ ଉପରେ ଫାଇଲ ଯମ ।

ଉନ୍ନତି ଗଲାଣି ଦେଶ ମୋ ସାରା, ସୁନାର ଧରା
ମୋଟା ବୁଦ୍ଧିଆଙ୍କ ସୂକ୍ଷ୍ମ ବିଚାର
ଚନାଘନା କରି ବସିବା ସାର
ଅଧା ପନ୍ତାରିଆ ସବୁ ବେଭାର
ଯୋଜନା ଯୋଜନା ଶୁଭଇ ରଡ଼
କେତେଦିନେ ଯାଏ ଯୋଜନା ଉଡ଼ି
ଖରଚ ହୁଏ ଦେଶର ଧନ
ତାଙ୍କର ଲାଭ କି ଲୋକସାନ
ପେଁ ପେଁ କରି ବୁଲେ ଗାଡ଼ି ମଟର
ଚକା ଚକା ଗୁଳ କେଡ଼େ ସୁନ୍ଦର ।

ମଧ୍ୟଜୀବିକା କି ସହଜ ପନ୍ଥା, ଶୁଭ ବ୍ୟବସ୍ଥା
ସବଳ ସ୍ୱଚ୍ଛଳ ସମୃଦ୍ଧ ଜାତି
ନିଶ୍ଚିତ ଉନ୍ନତି ଶିଖେ ବସନ୍ତି
ଚଳ ମୁହାଁ କାହିଁ ଉଚ୍ଚ ସଂସ୍କୃତି
ସମ୍ଭ୍ରାନ୍ତ, ସୁଶୀଳ କରି ଉଚ୍ଚାଶା
ପେଶା ଆଦରିକି ହୀନ ବେଉସା
ତୋର ଜୀବିକା ତୁମ୍ଭକେ ଠାଣି
ଆଣେକି ଉଚ୍ଚ ସମ୍ଭ୍ରାନ୍ତ ଶ୍ରେଣୀ
ନାଗବଂଶେ ଜନ୍ମି ଚୁଚୁନ୍ଦ୍ରା ଧରି
ଗୋଲକ ଧନ୍ଦାରେ ହେଉଛୁ ଘାରି ।

Digitized by srujanika@gmail.com

ନିଲାମକୁ ଯନ୍ଧ ହେବୁ ବିମୁଖ, ଅଛନ୍ତି ପକ୍ଷ
ନୋହିଲେ ବି ତାଙ୍କ ମାଛ ଜୀବିକା
ନେଇ ପାରିବେ ସେ ମଛଲି ଠିକା
ସଂସାରେ ହୋଇବେ ସେ କଣାବିକା
ଚିରମାଖ କରି କହିବେ ବାଧ
କାରସାଦ୍ଧ କେତେ ଥିବେ ସମ୍ପାଦ୍ଧ
ଅତି ଜଟିଳ କୂଟ କୌଶଳେ
ହରି ଜୀବିକା ଚଞ୍ଚକ ବଳେ
ମାମଲତକାର କଚି ହୁନ୍ଦର
ବନାଇବେ ତୋତେ ଭୁଠ ପଥର ।

ଆବେଗ ହୃଦୟେ ବଢ଼ାଇ ଆଶ, ହେବୁ ନିରାଶ
ମତ୍ସ୍ୟଦେଶେ ରାଜେ ମତ୍ସ୍ୟ ବିଭାଗ
ଥାନପାଟରେ ତହିଁ ତୋ ଅନୁରାଗ
ଅପାରଗ ହେବୁ ଖୋଜିଲେ ଭାଗ
କାହିଁ ବିଦ୍ୟାବୁଦ୍ଧି ସମଯୋଗ୍ୟତା
ହେବା ପାଇଁ ଉଚେ ଅବସ୍ଥାପିତା
ନାହିଁ ତୋ ପାଠ ତୁ ଅପାଠୁଆ
ମିଛରେ କମ୍ପା ହେବୁ ଭକୁଆ
ରହିଛନ୍ତି ଆଗୁ ଯେ ଗାଦ୍ଧ ମାଡ଼ି
ତାଙ୍କ ମୁତଣ୍ଡେ ବନ୍ଧା ରହିବ ଶାଢୀ ।

ମତ୍ସ୍ୟ ବିଭାଗର ବିଜ୍ଞାନାଗାର, ଦୂରୁ ସୁନ୍ଦର
ପୋଷା ହୋଇଛନ୍ତି ମାଛ ଯାଆଁଳ
ଶ୍ରେଷ୍ଠ ମାଛ ସିନା ବଡ଼ ଜଞ୍ଜାଳ
ସମସ୍ତ ନମିଳେ ଭଲ କି ତାଳ
ଖୁଣ୍ଟିନାଣ୍ଟି କେତେ ହୁଏ ପରୀକ୍ଷା
ଛୁଞ୍ଚି ମାଛି କେତେ ହୁଏ ନିରୀକ୍ଷା
କେତେ ହାକିମ କେତେ ହୁକୁମା
କଳା ସାଇବ ଦୁମୁରୁଦୁମା
ଅଜାଗଳସ୍ତନ ପରି ବିଭାଗ
କି ଲାଭ ଥିଲେ ହେଁ ତୋ ଅନୁରାଗ ।

Digitized by srujanika@gmail.com

ଚାଲିଯାଏ ମାଛ କଲକତାର, ଗାଡ଼ି ଉପର
ଆଡ଼ତଦାରରେ ପାତିଛି ଫାନ୍ଦ
କେତେ ଗାଡ଼ି ଘୋଡ଼ା କରି ବନ୍ଦ
ପାରିବୁ ତା ସଙ୍ଗେ କରି ବିବାଦ
        ସରିବ ମହତ ନହେବ କାର୍ଯ୍ୟ
        ବୋଲିବେ ଏ ଖାଲି ଫାଙ୍କା ଆବାଜ
କିଏ ବୁଝିବ ଭିତରନେପ୍ଥୀ
କରନ୍ତି ଯେତେ କଳାପୋତେଇ
        ମରି ମାଛଥାନ୍ତି ନୟନ ଖୋଲି
        ସହଜେ ତାଙ୍କୁଣି ନଥାଏ ବୋଲି ।

ଜାଣେକି ଆଡ଼ତଦାର ତୋ ଦଶା, ତୋ ମୋକଦ୍ଦସା
ଯା ପାଇଁ ଦେଉଛୁ ତୁ ରକ୍ତ ଢାଳି
ତୋଳିଛି ଯେଥୁ ସେ ତୁଙ୍ଗ ଅଟ୍ଟାଳି
ତୋ ଦେହ ଖାଟେଣି ଥାଏ କି ଭାଳି
        ସଙ୍ଗୋଳି କାହାକୁ ଦିଏ ସେ ଭେଟି
        ପ୍ରତି ଉପକାର ପାଏ ଠେଲଉଠି
କାହାକୁ ତା'ର ପରବା ଥାଏ
ଉଦାରପଣେ ବାହାବା ପାଏ
        ବାପୁ ଚଢେଇର କି ଯାଏ ଆଏ
        ବାଆ କଲେ ବସା ଦୋହଲୁଥାଏ ।

ଦିନ ପ୍ରାପ୍ୟ ବୋଲି ପାଉଯେ ଧନ, କେଉଁ ନଉନ
ଓଡ଼ିଶାର ମାଛ ଦିଏ ବେପାର
ସରଗରମ ତୋ ମାଛ ବଜାର
କେତେ ଜଣ ଦିଏ ଖରିଦଦାର
        ଆଡ଼ତଦାରର ପାରିଲାପଣ
        ପାଶିଲି ପଣରେ କରେନି କଣ ?
ସଫେଇ କରେ ଲାଭକୁ କଷି
ବୋଲାଇ ଗୋଠା ଯାକ ତୁଳସୀ
        ତୋହରି ମୁଣ୍ଡରେ ବୋଳଇ ଅଠା
        ସତେ ଯେପରି ତୁ ତାହାରି କଣ୍ଟା ।

Digitized by srujanika@gmail.com

ପିଠିରେ ତୋହର ପଡ଼ିବ କଏ, ସାହାବା କଏ ?
ଆନ୍ଦୋଳନ ପାଇଁ ନାହିଁ ଶକତ
କାନ୍ଦୁଛୁ ସିନା ତୁ ବକଲେ ଅତ
ଆଡ଼ତଦାରର କି କରାମତ
        ଛକା ପଞ୍ଝାମାନ୍ତ ଗୃଣକ୍ୟ ବଳ
        ତାର କାରସାଦ୍ଧ କେପାରେ କଳ
ଗରାଖ ପାଖେ ଦାହାସେ ବକୁ
ସେ ହାତଟେକା ତୁ ଠାକଥିବୁ
        ନେଉଳ ଭଳକେ ମଝିରେ ପଶି
        ମଝି ଖାଇ ଯୋଡ଼ ଯାଉଛୁ ଖସି ।

ହାଡ଼ଭଙ୍ଗାଶ୍ରମ କା ହାତେ ଟେକି, ତଦ୍ଧୁକୁ ଠାକ
ଆଦର ଧନ ତୋ ଯାଏ ସୁଦୂର
ଆଡ଼ତଦାରରେ ବଡ଼ ଚତୁର
କରଥାଏ କେତେ ବାଟେ ସେ ଜୁର
        ଆଖି ବୁଜି ସବୁ କରାଏ ଠୁଳ
        ଭୁଲପାଳ ତାର ବଡ଼ ଅତୁଳ
ଇଚ୍ଛାନୁସାରେ କରେ ବେଭାର
ଆଚର କେତେ ରକମ ଠାର
        କରିଛନ୍ତି ଯେଉଁ ଆଡତମେଣ୍ଟ
        କେ କମ୍ପା କରିବ ଯେପାଇଁ ଟେଣ୍ଟ ।

ଗଢ଼ି ମତ୍ସ୍ୟ ସମବାୟ ସମିତି, ଆନନ୍ଦେ ମାତି
ଅକଳନା ମାଛ ଧରିଲୁ ଜାଗି
ମୋଟାକାରେ ଲାଭ ପାଇବା ଲାଗି
ଆଶା ବୈତରଣୀ ପଡ଼ିଲା ଭାଗି
        ସମିତି ତରଫୁ ଧରିଲୁ ଯେବେ
        "ରଟନ" ଆସିଲା ଚଲାଣ ତେବେ
ଓଲଟା କଥା ହୋଇଲା ଶୁଣା
ସ୍ଥାନୀୟ ମୂଲ୍ୟ ହୋଇବ ଊଣା
        ଅକର୍ମାଜନ ଯୁଆଡେ ଯାଏ
        ହାଡ଼ଗୋଡ଼ ବାଆ ଗୋଡ଼ାଇଥାଏ ।

Digitized by srujanika@gmail.com

ବୋଝ ଉପରେ ନଳିତା ବିଡା, ଆରେ ଆପୁଠା
ଝୁଡ଼ି ପିଟୁ ବାନ୍ଧି ରେଳ ମାସୁଲ
ଷ୍ଟେସନରେ କାର୍ଯ୍ୟ ନହୁଏ ଭୁଲ
ଅଛି ସେଥି ଅଣ୍ଟାଗୁଞ୍ଜା ମାମୁଲ
ପ୍ରକାଶ୍ୟେ ଚାଲଇ ଏହି ବେପାର
ନାହିଁ ସେଥିପାଇଁ କି ପ୍ରତିକାର
ସେ ପାଇଁ କଲେ ଟିକିଏ ରଡ଼ି
ପଚାଇ ମାଛ ଷ୍ଟେସନେ ପଡ଼ି
ଏଣେ ବ୍ରହ୍ମହତ୍ୟା ତେଣେ ଗୋହତ୍ୟା
ଉଭୟ ସଙ୍କଟେ ବୁଡେ ତୋ ସତ୍ୱ ।

ମାଛ ଚାଲିଯାଏ କଲିକତାର, ରେଳ ଉପର—
ରକ୍ଷକ ବେବୋଲେ ଅଟନ୍ତି କାଳ
ଚଳରେଳଚକ୍ର ଫିଟାଇ ଚାଳ
କରିଥାନ୍ତି ମାଛ ହରଣଚାଳ
କମ୍ପାନି ଶାସନ ଅମଳୁ ଏଡ଼ି
ଅନ୍ଧ ବୁଝାମଣା ଚାଲିଛି ଗଡ଼ି
ବାହୁନ କିସ ଖଜୁରି ଗଛ
ଚଳ ଉପର ଯାଏ ପାଉଛ
ହୋଇବ କି ଏବେ ତା' ପ୍ରତିକାର
ନିର୍ମଳ ଶାସନେ ନ୍ୟାୟ ବିଚାର ।

କେତେ ଜାତି ଶାଖା ପ୍ରଶାଖ ମେଲି, ଦେଖାଉବେଲି-
କୈବର୍ତ୍ତ, ନିଆରି, ଗୁଡ଼ି, ଧୀବର
ଖଟିଆ, କେଉଟ, ଗୋଖା ତିଅର
ବାଗିଟି, କଣ୍ଡରା, କାରୁଆ କୁଳ
ମାଛୁଆ ପାଲିଆ ଝିଙ୍କା, ନୋଳିଆ,
ନାଉରି, ଖଲସି, ଗିରିଗିରିଆ,
ଝିଙ୍କା, ବାଲ୍ମିକ, ଶିଉଳି, ଜାଲି,
ଦେଓ୍ୱାରି, ଝିଗା, ମହାଲା, ଜାଲାରି,
ଚୁଡ଼ୁଡିଆ, ଝିଙ୍କା, ଓ୍ୱାଡ ବାଲ୍ମିକ
ମାହିଷ୍ୟ, କୈବର୍ତ୍ତ, ଜାଲିଆ, ମାଝି ।

Digitized by srujanika@gmail.com

ସାଗର ବନ୍ଦର ନାବିକ କିବା, ସାଧବ ଅବା
ଉଭୟ ନିଶ୍ଚିତ ଥିଲୁ ଅତୀତେ
ଶୌର୍ଯ୍ୟ ବୀର୍ଯ୍ୟଶାଳୀ ଶକ୍ତ ବିକ୍ରାନ୍ତେ
ସ୍ମର ସେ ସଭ୍ୟତା ସଂସ୍କୃତି ଚିତ୍ତେ
ଅଦମ୍ୟ ଉତ୍ସାହ ଦୃଢ଼ ସଂକଳ୍ପେ
ସମାଜକ ଉଚିତ ସଂସ୍ଥାନେ କଳ୍ପେ
ଫିଙ୍ଗି ମୂଢ଼ତା ସ୍ଥାଣୁ ଜଡ଼ତା
କ୍ଲାନ୍ତ କ୍ଲୀବତା ହୀନମନ୍ୟତା
ଉଚ୍ଚ ଶିକ୍ଷାଦୀକ୍ଷା କର୍ତ୍ତବ୍ୟନିଷ୍ଠେ
ହୁଅ ଆଗୁଆର ବକ୍ର ଗରିଷ୍ଠେ ।

ସର୍ବଧ୍ୱଂସୀ କାଳଯବନ ପରି, ଟ୍ରଲର ଜୁରି
ଆମ ରତ୍ନାକର ଭଣ୍ଡାରଦଳି
ପାଖ ପଡ଼ୋଶୀଏ ନିର୍ମମେ ମିଳି
କୂଳବର୍ତ୍ତୀ ଜନେ କରି ଭିକାରି
ଜୀବନ୍ମୃତ ପ୍ରାୟେ ତୀର ବାସିନ୍ଦା
ମତ୍ସ୍ୟ ବିନେ ଜଳ ପୋଡ଼ି ବସୁଧା
ମୁଣ୍ଡ କୁରୁଢ଼ି କାଳରେ ରଡ଼ି
ଦାରୁଣ ଦୁଃଖ ଦାରିଦ୍ର୍ୟ ସହି
କିଂକର୍ତ୍ତବ୍ୟମୂଢ଼ କରିବେ କିସ
ସମୁଦ୍ରେ ଝାସକ ହେବେ ନିର୍ବଂଶ ।

ଜାଗୁ ମତ୍ସ୍ୟଦେଶ ମତ୍ସ୍ୟବିଭାଗ, ହେଉ ସଜାଗ
କୂଳରୁ କୋଡ଼ିଏ କିଲୋମିଟର
ଦୂରୁ ଧରୁ ମାଛ ସବୁ ଟ୍ରଲର
ବାଞ୍ଛୁ ସର୍ବହରା ମତ୍ସ୍ୟାଦିକୁଳ
ଲଭି ସରକାରୀ କଡ଼ା ପ୍ରହରୀ
ଦୁର୍ଦ୍ଦାନ୍ତ ଟ୍ରଲର ପଡ଼ିବେ ଧରା
ମରମନ୍ତୁଦ ପ୍ରାଣ ସଙ୍କଟୁ
ଉଦ୍ଧରିଯିବେ ଯମ ମୁହଁଠୁ
ସରକାରୀକଳ ରକ୍ଷାକବଚ
ମୃତ୍ୟୁ ସଞ୍ଜୀବନୀ ହେବ ନକଛ ।

●

Digitized by srujanika@gmail.com

'ମତ୍ସ୍ୟଜୀବୀ' : ଏକ ଅବହେଳିତ ଜନ ଜୀବନର ସ୍ତବଗାଥା

ଓଡ଼ିଆ ସାହିତ୍ୟରେ ମହାକାବ୍ୟ ଓ କାବ୍ୟ ରଚନାର ଯୁଗ ଶେଷ ହୋଇ ଯାଇଛି । କେବଳ ଓଡ଼ିଆ ସାହିତ୍ୟ କାହିଁକି ବିଶ୍ୱ-ସାହିତ୍ୟରେ ମଧ୍ୟ ଏହି ଏକା କଥା । କ୍ୱଚିତ୍ କଦବା କେହି କାବ୍ୟ ରଚନାରେ ପ୍ରୟାସୀ ହେଉଛନ୍ତି । ଊନବିଂଶ ଶତାବ୍ଦୀର ଶେଷ ଓ ବିଂଶ ଶତାବ୍ଦୀର ଆଦ୍ୟ ଭାଗ ପର୍ଯ୍ୟନ୍ତ ଯାହା କିଛି ଉଲ୍ଲେଖଯୋଗ୍ୟ କାବ୍ୟ ରଚନାରେ ପ୍ରୟାସୀ ହୋଇ-ଥିଲେ କବିବର ରାଧାନାଥ, ସ୍ୱଭାବ କବି ଗଙ୍ଗାଧର ମେହେର ଓ କବି-ଶେଖର ଚନ୍ଦ୍ରମଣି ମହାନ୍ତି ପ୍ରମୁଖ ବରେଣ୍ୟ କବିବୃନ୍ଦ । ଏମାନଙ୍କ ପରେ ସତ୍ୟବାଦୀ ଗୋଷ୍ଠୀର କବିମାନେ ମଧ୍ୟ ଅଳ୍ପ କିଛି କାବ୍ୟ ରଚନା କରିଛନ୍ତି । ସବୁଜ ଗୋଷ୍ଠୀର ସମସାମୟିକ କବି ମାନସିଂ, 'ହେମା', 'ସାଧବଝିଅ' ଭଳି କେତୋଟି କାବ୍ୟ ମଧ୍ୟ ଲେଖିଛନ୍ତି; କିନ୍ତୁ ସେମାନଙ୍କ ପରେ ଏ ପରମ୍ପରାରେ ଏକ ପ୍ରକାର ଯବନିକାପାତ ହୋଇଯାଇଛି । ଯାହା ବା କିଏ କେମିତି ଲେଖିଛନ୍ତି, ତାହା ଆଦୌ ଉଲ୍ଲେଖଯୋଗ୍ୟ ନୁହେଁ । ଖଣ୍ଡ କବିତା ଓ ଗୀତି କବିତା ହିଁ ଏହାର ସ୍ଥାନ ପୂରଣ କରିଛି । ଦୀର୍ଘ କାବ୍ୟ ରଚନାର ପରମ୍ପରାରୁ ଓହରି ଆସି ଆଜି ଅନେକେ ଦୀର୍ଘ କବିତା ରଚନାରେ ହିଁ ପ୍ରବୃତ୍ତ । ଗଡ଼ନାୟକଙ୍କ 'ମାଳମା ନଦୀର ତୋଉ', କୁଞ୍ଜବିହାରୀ ଦାଶଙ୍କ 'ମାଟି ଓ ଲଠି' ସହିତ ରାଉତରାୟଙ୍କ 'ଭାନୁମତୀର ଦେଶ', ଗୁରୁପ୍ରସାଦ ମହାନ୍ତିଙ୍କ 'କାଳପୁରୁଷ', ସୀତାକାନ୍ତ ମହାପାତ୍ରଙ୍କ 'ଅଷ୍ଟପଦୀ'ରେ ଅନ୍ତର୍ଭୁକ୍ତ କେତେକ କବିତା, ରମାକାନ୍ତ ରଥ ଙ୍କ 'ଶ୍ରୀରାଧା', ପ୍ରତିଭା ଶତପଥୀଙ୍କ 'ଶବରୀ' ପ୍ରଭୃତି ଏ ସବୁର ଏକ ଏକ ନମୁନା । ସମୟର ସହିତ ତାଳଦେଇ ସୃଷ୍ଟି ପରମ୍ପରାରେ କିଛି କିଛି ପରିବର୍ତ୍ତନ ଘଟେ । ଏହା ସ୍ୱାଭାବିକ । ଏହି ପରିପ୍ରେକ୍ଷୀରେ ବିଚାର କଲେ ଶ୍ରୀଯୁକ୍ତ ରଘୁନାଥ ବେହେରାଙ୍କ 'ମତ୍ସ୍ୟଜୀବୀ'କୁ ଏକ 'କାବ୍ୟ' ନକହି ଏକ ଖଣ୍ଡକାବ୍ୟ ବା ଦୀର୍ଘ କବିତା ବୋଲି କହିବା ଅଧିକ ଯୁକ୍ତିଯୁକ୍ତ ।

କୌଣସି ବୃତ୍ତିଧାରୀ ଗୋଷ୍ଠୀ, ଜାତି ବା ସମ୍ପ୍ରଦାୟକୁ ନେଇ ଏଭଳି ଖଣ୍ଡକାବ୍ୟ ବା ଦୀର୍ଘ କବିତା ଓଡ଼ିଆ ସାହିତ୍ୟରେ ପୂର୍ବରୁ ରଚିତ ହୋଇଛି କି ନାହିଁ ମୁଁ ଜାଣେନା । ଯଦିବା ହୋଇଥାଏ, ତାହା ସେଭଳି ଦୃଷ୍ଟି ଆକର୍ଷଣକାରୀ ଓ ଉଲ୍ଲେଖଯୋଗ୍ୟ ନୁହେଁ ନିଶ୍ଚୟ ।

Digitized by srujanika@gmail.com

ଶ୍ରୀଯୁକ୍ତ ବେହେରଙ୍କ ଏ ପ୍ରଚେଷ୍ଟା ଅଭିନବ ଓ ଅଭିନନ୍ଦନୀୟ । ମତ୍ସ୍ୟଜୀବୀମାନଙ୍କ ଜୀବନ, ଜୀବିକା, ଚଳଣି, ପରମ୍ପରା, ସଂସ୍କୃତି, ଐତିହ୍ୟ ଆଦିକୁ ଭିତ୍ତି କରି ରଚିତ ହୋଇଛି ଏ ଦୀର୍ଘ କବିତା 'ମତ୍ସ୍ୟଜୀବୀ' । ୭୬ ପୃଷ୍ଠା ବିଶିଷ୍ଟ ଏହି ଗ୍ରନ୍ଥରେ ୧୯୭ ପଦ ମଧ୍ୟରେ ରହିଛି ୧୦୦ଟି ପଙ୍‌କ୍ତି । ରାଧାନାଥଙ୍କ 'ଚିଲିକା' ଖଣ୍ଡକାବ୍ୟରେ ଯେପରି ଅନ୍ୟ କାବ୍ୟମାନଙ୍କ ଭଳି ମୂଳରୁ ଶେଷ ପର୍ଯ୍ୟନ୍ତ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ କାହାଣୀ ବା କଥାବସ୍ତୁ ନାହିଁ, କେବଳ ଚିଲିକାର ଦୃଶ୍ୟ ଏହାକୁ ଉପଜୀବ୍ୟ କରି କବିଙ୍କର ନାନା ମାନସିକ ପ୍ରତିକ୍ରିୟା ବର୍ଣ୍ଣିତ ହୋଇଛି, ସେହିପରି ଏହି ଦୀର୍ଘ କବିତାରେ ମଧ୍ୟ ମତ୍ସ୍ୟଜୀବୀ ସମ୍ପ୍ରଦାୟର ଜୀବନ-ଜୀବିକାକୁ ନେଇ କବି ଶ୍ରୀ ବେହେରାଙ୍କ ଭାବଗତ କ୍ରିୟା-ପ୍ରତିକ୍ରିୟା ଅତି ଅନ୍ତରଙ୍ଗ ଭାବେ ରୂପାୟିତ ହୋଇଛି । ସମାଜର ଏକ ଅବହେଳିତ ଓ ଅଧଃପତିତ ସମ୍ପ୍ରଦାୟ ପ୍ରତି ତାଙ୍କର ମନୋବେଦନା ଓ ଦରଦ ହିଁ ପ୍ରତିଟି ପଙ୍‌କ୍ତିରେ ପ୍ରକଟିତ, ଯାହା ଏହି ଗ୍ରନ୍ଥର ପ୍ରାଣସ୍ପନ୍ଦନ । ପ୍ରକୃତିର ଭୀଷଣତାକୁ ଭ୍ରୂକ୍ଷେପ ନକରି ପ୍ରତିନିୟତ ଜୀବନ-ସଂଗ୍ରାମରେ ଯୁଝୁଥିବା ଏବଂ ଏକ ଭୀତିସଂକୁଳ ପରିସ୍ଥିତିକୁ ପ୍ରତି ମୁହୂର୍ତ୍ତରେ ଭେଟୁଥିବା ଧୀବରମାନଙ୍କର ଏହି ପରିବେଶକୁ ସେ ସୁନ୍ଦର ଭାବେ ରୂପ ଦେଇଛନ୍ତି—

" ଭୟଙ୍କର ସ୍ରୋତ ଉନ୍ମାଦେ ମତ୍ତ
କୂଳ ଲଙ୍ଘେ ନଦୀ କୁଳଟା ବତ
ପ୍ରବଳ ଘୂର୍ଣ୍ଣନ ଅନବରତ
ପର୍ବତ ଓଖାଳ ବଢ଼ିଛି ନଈ
ବଢ଼ିଛି ନଈରେ କିଏ ବୁହଇ
ସାପ ପଡ଼ିଲେ ଛୁଉ ପଡ଼ିବ
କୁଟା ପଡ଼ିଲେ ତଳେ ବୁଡ଼ିବ
ପଶିଲେ ପାଣିରେ ସାହସେ ଆଜ
ପୋଛିବ ଯମରେ ତୋହର ପାଞ୍ଜି । "

ଏହି ଭୀତିସଂକୁଳ ପ୍ରାକୃତିକ ପରିସ୍ଥିତିକୁ ଅତି ସାହସର ସହ ମୁକାବିଲା କରି ମତ୍ସ୍ୟଜୀବୀଟିଏ ଯାହା ରୋଜଗାର କରେ, ତାହା ତା' ପାଇଁ ଯଥେଷ୍ଟ ନୁହେଁ । ସେ ମଧ୍ୟ ଶୋଷଣର ଶିକାର ହୁଏ । ମଧ୍ୟବର୍ତ୍ତୀ ମହାଜନ (Middle Man) ତାକୁ ଶୋଷଣ କରି ହୁଏ ଲକ୍ଷପତି, କିନ୍ତୁ ସେ ଯେଉଁ ତିମିରେକୁ ସେହି ତିମିରେ ରହିଥାଏ ।
କବିଙ୍କ ଭାଷାରେ—" ତୋଠୁ ନେଇ ଅନ୍ୟେ ଭୁଞ୍ଜନ୍ତି ଶିରୀ
କପାଳ ଆଦରି ରହୁଛୁ ଥିରି । "

Digitized by srujanika@gmail.com

କବି ଶ୍ରୀ ବୈଦ୍ୟେଶ୍ୱର କହନ୍ତି— ' ସ୍ଥଳେ ଜନ୍ମି ଜଳେ କରୁ ବେଉସା । '

ଅଥଚ— " ବଞ୍ଚିବାକୁ ଭଲେ ତୋ ଦୁଃଖ ଅନ୍ତ, କାହିଁ ଶକତ ?
ଫୁଙ୍ଗୁଳା ଦେହ ତୋ କୁଡୁଆ ବାସ
ଉଭଟ ଉତ୍କଟ ଶ୍ରମ ପ୍ରୟାସ
ତଥାପି କମ୍ପା ଏ ଭୋକ ଉପାସ ? "

ଏହି ପ୍ରଶ୍ନ ଅସମାହିତ ରହିଯାଏ । ସେ ପୁଣି କହନ୍ତି—
"ଶୁଣିରେ ତୋର ଦୁଃଖର ରଢ଼
ମଗଜ ମୋର ଯାଏ ବିଗିଡ଼
ଆକାଶ ପାତାଳ କେତେରେ ଭାବେ
ଦୁଃଖ ତୋର ଯିବ କାହା ପ୍ରଭାବେ "

ଏ ଦୁଃଖ କେବଳ 'ମତ୍ସ୍ୟଜୀବୀ'ର ଦୁଃଖ ନୁହେଁ, ପ୍ରତ୍ୟେକ ଶୋଷିତ ଓ ଅବହେଳିତ ମଣିଷର ଦୁଃଖ ।

କବି ମତ୍ସ୍ୟଜୀବୀଙ୍କ କଥା କହୁକହୁ ବୁଲି ଆସିଛନ୍ତି ସାରା ଓଡ଼ିଶା । ବିଭିନ୍ନ ନଦୀ, ହ୍ରଦ ଓ ସମୁଦ୍ରରେ ମାଛ ଧରି ପେଟ ପୋଷୁଥିବା ଏହି ଅବହେଳିତ ଶ୍ରମଜୀବୀ ଶ୍ରେଣୀର ଜୀବନ-କାହାଣୀ, ସେମାନଙ୍କ ଦୁଃଖ-ଦୁର୍ଦ୍ଦଶା, ତଥା ଏହି ସବୁ ସ୍ଥାନମାନଙ୍କର ବର୍ଣ୍ଣନା, ପ୍ରାକୃତିକ ଦୃଶ୍ୟ ଓ କିଂବଦନ୍ତୀ-ଆଦିକୁ ସେ ଚମତ୍କାର ଭାବରେ ରୂପାୟିତ କରିଛନ୍ତି । ଗୋଟିଏ ଦୁଇଟି ପଦ ଉଦ୍ଧାର କଲେ ପାଠକେ ଏହାର ସତ୍ୟତା ଉପଲବ୍ଧି କରି ପାରିବେ—

" ସୁବର୍ଣ୍ଣରେଖାର ସୁବର୍ଣ୍ଣ କଣା
ନକରୁ ସଂଗ୍ରହ ହୋଇ ବିମନା
ଜଳେ ମାଡି ତାର ହେଉଛୁ ବଣା
ଧନେ ରଣତଣ୍ଡି ବାହି ବିକ୍ରମେ
ଜଳଦସ୍ୟୁ ତଡ଼ି ଘୋର ସଂଗ୍ରାମେ
ତାମ୍ରଲିପ୍ତିରେ ସ୍ଥାପିଲୁ ରାଜ୍ୟ
ପ୍ରତିଷ୍ଠା କରି କୈବର୍ତ୍ତ ରାଜ
ନାହିଁ ସେ ପିପିଲି ବନ୍ଦର ଆଉ
ରଣତଣ୍ଡି ବାହି ଆଉ ନଯାଉ । "

କମ୍ବା—" ଶିମିଳିପାଳି କରି ସେ ଭଙ୍ଗ, ବହେ ବଳଙ୍ଗ
ସୋନ, ଗଙ୍ଗାହାର ତାର ସଙ୍ଗିନୀ

Digitized by srujanika@gmail.com

ଚେମୁନ୍ଦାଣି ଛକେ ରଚ ବିବେଣୀ
ସବାଇ-ସାମ୍ରାଜ୍ୟ ସମ୍ଭୃଦ୍ଧାନନ୍ଦୀ
ସାନ୍ତାଳ-ସଙ୍ଗୀତ ଗ୍ରବେ ବନ୍ଧୁଳା
ଛଉ-ଛନ୍ଦବନ୍ଧେ ନୃତ୍ୟ କୁଶଳା
ମୟୂରଭଞ୍ଜ ମଞ୍ଜୁ ମଞ୍ଜୁଷା
ବରେନ୍ଦ୍ରପାଣି ପ୍ରପାତଭୂଷା
ଭଂଜବଂଶ ଦେବୀ କୀଚକେଶ୍ୱରୀ
ଚରଣେ ପ୍ରଣମେ ଦ୍ୱିବା ଶର୍ବରୀ ।"

ଏଭଳି ବର୍ଣ୍ଣନା କ୍ଷେତ୍ରରେ ସେ କବିବର ରାଧାନାଥଙ୍କ ପଦାଙ୍କ ଅନୁସରଣ କରିବାର ଲୋଭ ସମ୍ବରଣ କରି ପାରିନାହାନ୍ତି । ଅବଶ୍ୟ ରାଧାନାଥଙ୍କ ଭଳି ଦକ୍ଷତା ପ୍ରଦର୍ଶନରେ ସେ ସମ୍ପୂର୍ଣ୍ଣ ନହେଲେ ମଧ୍ୟ ଅନେକାଂଶରେ ସଫଳ ହୋଇଛନ୍ତି ।

ଅନେକ ସ୍ଥଳରେ କବି ଶ୍ରୀ ବେହେରାଙ୍କ ପ୍ରକୃତି ବର୍ଣ୍ଣନାରେ ଅପୂର୍ବ କଳାତ୍ମକତା ଲକ୍ଷ୍ୟ କରାଯାଏ । ନିଛକ ବର୍ଣ୍ଣନା ନୁହେଁ—ବର୍ଣ୍ଣନାରେ ଅଛି କଳ୍ପନାର ଛଟା, କଳାର ପୁଟ । ଧୀବରଟିଏ ରାତିରେ ମାଛ ଧରୁଛି । ଆକାଶରେ ଅସଂଖ୍ୟ ତାରାଫୁଲ ଫୁଟିଛନ୍ତି । ସେମାନଙ୍କର ମିଟିମିଟି କିରଣ ଛୁଟି ଆସୁଛି । ସେହି ଆକାଶରେ ପୁଣି ଉଇଁଛି ରୁପାଥାଳପରି ଜହ୍ନ । ତା'ର ପ୍ରତିବିମ୍ବ ଆସି ପଡ଼ୁଛି ପାଣିରେ । ସେହି ପାଣିରେ ଫୁଟିଛି କଇଁଫୁଲ । ଧୀବରଟି ଅଧୀର ହୋଇ ଜାଲ ଫିଙ୍ଗୁଛି । ତରଙ୍ଗ ଖେଳି ଯିବାରୁ ନିର୍ମଳ ପାଣି ଗୋଳିଆ ହୋଇ ଯାଉଛି ଏବଂ ଚନ୍ଦ୍ରର ପ୍ରତିବିମ୍ବ ଖଣ୍ଡ ଖଣ୍ଡ ହୋଇ ଭାଂଗି ଯାଉଛି । ଏହା ଦେଖି ପାଣିରେ ଫୁଟିଥିବା ପ୍ରେମବିଧୁରା କଇଁଫୁଲଟି ଦୁଃଖରେ ମ୍ରିୟମାଣ ହୋଇ ଯାଉଛି । ଏହାର ସୁନ୍ଦର ପରିପ୍ରକାଶ ନିମ୍ନ ଉଦାହରଣରୁ ଜଣା ପଡ଼ିବ—

"ଧରୁ ମାଛ ଯେବେ ପଶି ସରରେ, ନଦେଖୁ ଥରେ
ଗୋଟି ଗୋଟି ତାରା ଥାଆନ୍ତି ଫୁଟି
ମିଟିମିଟି କରି କିରଣ ଛୁଟି
ରୁପାଥାଳି ଯେହ୍ନେ ଜହ୍ନମାମୁଟି
ଓହ୍ଲାଇ ଆସନ୍ତି କୁମୁଦବନ୍ଧୁ
କୁମୁଦିନୀ ବକ୍ଷୁ ପିଅନ୍ତି ମଧୁ

Digitized by srujanika@gmail.com

ଫିଙ୍ଗୁ ଛୁ ଜାଲ୍ ହୋଇ ଅଧିର
କୁମୁଦେ କର ପ୍ରେମ କଧୂର
ଖଣ୍ଡ ଖଣ୍ଡ କରୁ ସରଗ ଶଶୀ
ସଲିଳ ରାଶିରେ ଗୋଳାଇ ମସି । ”

କୁମୁଦିନୀ ଓ କୁମୁଦବନ୍ଧୁ ମଧ୍ୟରେ ଚାଲିଥିବା ପ୍ରଣୟ ଲୀଳାକୁ ଭଂଗ କରୁଥିବାରୁ ପଦ୍ମକଣ୍ଟା ବାଜି ଧୀବର ଦେହରେ 'ଛିଦ୍ର' ଅର୍ଥାତ୍ କ୍ଷତ ସୃଷ୍ଟି-ହୁଏ ଏବଂ ସେହି ଯନ୍ତ୍ରଣା ଯୋଗୁଁ ରାତିରେ ସେ ଉନ୍ନିଦ୍ର ରହେ । 'ଶଶୀ'କୁ ନାଶ କରିଥିବାରୁ ସେ ମଧ୍ୟ ଭୋଗେ ଦାରିଦ୍ର୍ୟ ଯନ୍ତ୍ରଣା । ହେଲେ କିନ୍ତୁ ଶେଷ ପର୍ଯ୍ୟନ୍ତ ରୂପାଥାଳି ପରି ଜହ୍ନକୁ ସେ ଜାଲରେ ଧରିପାରେ ନାହିଁ । ଜାଲର ଫାଶ ଭିତରୁ ସେ ଗଳିଯାଇ ଲୁଚକାଳି ଖେଳେ । ଧୀବରଟି ତା' ପାଖକୁ ଗଲେ ସେ ଶେଉଳି ମାଛ ଭଳି ଖସିଯାଇ ଦୂରକୁ ଧୁଞ୍ଚି ଯାଏ । ରୂପାଥାଳି-ଜହ୍ନକୁ ଜାଲ୍ ଭିତରେ ଧରିବାର ଉତ୍କଟ ଆଶା ତା'ର ଶେଷ ପର୍ଯ୍ୟନ୍ତ ଅପୂର୍ଣ୍ଣ ରହେ ।

“ ପଦ୍ମକଣ୍ଟା ବାଜି ଦେହ ତୋ ଛିଦ୍ର
ହୁଏ ବନ୍ଧିବାରୁ ରାତି ଉନ୍ନିଦ୍ର
ଧରି ଶଶୀନାଶ ଆଣେ ଦାରିଦ୍ର୍ୟ
ନପଡ଼ଇ ଜାଲେ ସେ ରୂପାଥାଳି
ଗଳି ଜାଲୁ ଖେଳେ ସେ ଲୁଚକାଳି
ପାଖକୁ ଗଲେ ଶେଉଳି ଭଳି
ଦୂରେ ଧୁଞ୍ଚି ସେ ହସଇ ଝଳି
ନ ମେଣ୍ଟାଏ ଗୃଧ୍ର ତୋହର ପିପାସା
ଅପୂର୍ଣ୍ଣ ରହେ ତୋ ଉତ୍କଟ ଆଶା । ”

ଏମିତି ଅନେକ ସ୍ଥଳରେ ଚମତ୍କାର କବିତ୍ୱର ଛଟା ଲକ୍ଷ୍ୟଣୀୟ । ନଗ୍ନ ବାସ୍ତବତା ସହ କଳ୍ପନାର ଅପୂର୍ବ ସମନ୍ୱୟ ଘଟାଇ କବି ଶ୍ରୀ ବୈଦେହୀ ଏହାକୁ କରିଛନ୍ତି ବର୍ଣ୍ଣାଢ୍ୟ ଓ ରସୋତ୍ତୀର୍ଣ୍ଣ ।

ମତ୍ସ୍ୟଂଜୀବୀ ଧୀବରର ସ୍ୱଭାବକୁ କବି ଅତି ସୁନ୍ଦର ଭାବେ ତୁଳନା କରି-ଛନ୍ତି ଅନ୍ୟପ୍ରାଣୀମାନଙ୍କ ସହ, ଯାହା ଖୁବ୍ ଯୁକ୍ତିଯୁକ୍ତ ଓ ସ୍ୱାଭାବିକ ହୋଇ ପାରିଛି । ଯେମିତି—

“ ଚିଲ୍ ତୋ ଟିଟିଁହ୍ମା ପକ୍ଷୀର ସମ
ମାଛରଙ୍କା ହେଉ ମାଛଙ୍କ ଯମ
ପାଣିକୁଆ ପରି ଦେଖାଉ କ୍ରମ

Digitized by srujanika@gmail.com

ଓଧ ପର ଉନ୍ମ ମାରୁରେ ବୁଡ଼ା
ଖଣ୍ଡି ଉଡ଼ା ଯେହ୍ନେ ଜଳେ କୁକୁଡ଼ା
ବକ ଧିଆନ, କାକ ସ୍ନାହାନ
ବତକ-ପ୍ରାଣ, ଡାହୁକ ଜ୍ଞାନ
ବଲୁଆବଗୁର, ମାଙ୍କଡବୁଦ୍ଧି
ହାଣ୍ଡହୋଇଯୁଝୁ ମଣକାକୁତ । ”

ଯେଉଁ ମତ୍ସ୍ୟଜୀବୀ ସଂପ୍ରଦାୟ ଏତେ ପରିଶ୍ରମ କରନ୍ତି, ସେମାନେ ପାଆନ୍ତି କଣ ? ପରିଶ୍ରମର ଯଥୋପଯୁକ୍ତ ଫଳ ପ୍ରାପ୍ତିରୁ ସେମାନେ ହୁଅନ୍ତି ବଞ୍ଚିତ— ‘ ସବୁ ଶ୍ରମ ଯାଏ ପସର ଫାଟି ’ । କବି ପ୍ରଶ୍ନ କରନ୍ତି—

“ ହାଣ୍ଡିଗୁଣ୍ଡିବୁଡ଼ା ପାଣିମଧିରୁ
ମାଛ ଧରୁଛୁ ନା ଗେଣ୍ଡାକୁଧରୁ
ମିଛରେ କପାଇଁ ଗରଜ ମରୁ ?
ଖାଲୋଇ ତଳ ହୋଇଛୁ କଣା
ଯେତେ ଭରିକଲେ ନୁହେଁ ଭରଣା
× × ×
କପର ହେବରେ ଘରକରଣା ?
ଘରଣୀ ସହଜେ ହୋଇବ ବଣା । ”

ଏହା କେବଳ ଜଣେ ସଂବେଦନଶୀଳ କବିର ପ୍ରଶ୍ନ ନୁହେଁ, ଏହି ପ୍ରଶ୍ନ ଭିତରେ ଲୁଚି ରହିଛି ତାଙ୍କ ବ୍ୟଥିତ ହୃଦୟର ଆର୍ତ୍ତି । ଏ ଆର୍ତ୍ତିର ଚରମ ପ୍ରକାଶ—

“ ଅଧନ୍ନର ମୁଡି ଘରେ ନ ନେଉ
ବାଳୁତକୁ ଭୁଙ୍କା ଚୁମ୍ବନ ଦେଉ । ”
-ତମ୍ବା-

“ ମାଛ ମାରି କେବେ ମନଖୁସିରେ, ଖାଇଛୁ କରେ ?
× × × × ×
ଖାଇବୁ କାହିଁ କଣ୍ଟା ବେକଣ୍ଟା
ବଡ଼ିଆ ଚେକା ନଥିବ କଣ୍ଟା
ମାଛ ଯୋଗାଡ଼କଲେ ପିଠି ଫୁଙ୍ଗୁଳା
ଉଭୟ ସଙ୍କଟେ ବୁଡେ ଡୋ ଭେଳା । ”

ଅଥଚ— “ ବାବୁଏ ଖାଆନ୍ତି ଘକୁର, ରୋହି
ଆମ୍ବିଳ, ବେଶର, ଭଜା ବନେଇ । ”

କିନ୍ତୁ— “ ପେଟେ ଖେଳ ଚୋରି ମୁହଁରେ ଲଜ, ହେବକି କାର୍ଯ୍ୟ ? ”

Digitized by srujanika@gmail.com

ଏସବୁ କହୁ କହୁ ଶ୍ରୀ ବେହେରା ଆସିଯାଇଛନ୍ତି ବର୍ତ୍ତମାନର ପରିସ୍ଥିତିକୁ । ସରକାରଙ୍କ ହୁଗୁଳା ଶାସନ, ହାକିମ ହୁକୁମାଙ୍କ ଚଞ୍ଚକତାପୂର୍ଣ୍ଣ ରାଜୁତିକୁ ସେ କରିଛନ୍ତି ତୀବ୍ର ଆକ୍ଷେପ । ତାଙ୍କ ପ୍ରଚଣ୍ଡ କ୍ରୋଧର କାବ୍ୟିକ ପରିପ୍ରକାଶ ଘଟିଛି ବ୍ୟଙ୍ଗୋକ୍ତି-ବାଣରେ । ଚିଲିକାହ୍ରଦ ଯେତେବେଳେ ମତ୍ସ୍ୟଶୂନ୍ୟ ହୋଇଯାଉଛି, ନଈମୁହାଣ ପୋତି ହୋଇଯାଉଛି, ବନ୍ଧପୋଖରିସବୁ ପଦା ହୋଇଯାଉଛି, ସେତେବେଳେ ତାର ପ୍ରତିକାର କରାଯାଉନାହିଁ । ଦଳିତ-ପତିତ-ଜନକଲ୍ୟାଣ' କଥା କହୁଥିବା ସରକାର 'ଦିନକୁ ଦିନ ନିକମା' ହୋଇ ପଡୁଥିବା ମତ୍ସ୍ୟଜୀବୀଙ୍କ ଦୁଃଖ ବୁଝୁନାହାନ୍ତି । ଇଏ 'ଦେଶ ଉନ୍ନତିର ଶୁଭ ଲକ୍ଷଣ' ନୁହେଁ ନିଶ୍ଚୟ । ଏ ସବୁର କାବ୍ୟିକ ପ୍ରତିକ୍ରିୟା ଖୁବ୍ ତୀକ୍ଷ୍ଣ ଓ ଶାଣିତ—

"ଧର୍ମ ଅବତାର ଯାହାଙ୍କୁ ବୋଲୁ, ଓଲଟି ମରୁ
ଧର୍ମ ଅବତାର କରନ୍ତି କେଳି
ମଳ ମୁଣ୍ଡିଆଙ୍କୁ ବଗୁର ଛେଳି
ଗରିବ ଗୁରୁବା ପାଦରେ ଦଳି
ସେହି ଗାଆଁମାଟି ଗୋବର ମାଖି
କାଞ୍ଚିତ ସୁଯୋଗେ ହାକିମ ସାଜି
ଧୂରୁବ ଜନ୍ମ ସୁକୃତ ସ୍ଥଳେ
ଗାଁ ମଣିଷରେ ଦେବାକେ ଭୁଲେ
କାଣୀ ବଗିଡ଼ିର କ କରାମତି
କୁଜ ଅସରପା ଉପରେ ରାଜୁତି ।"

—କମ୍ପା—

"ଏ ଦେଶ ଶାସନ ଗଲା ହୁଗୁଳି, ପଡ଼ୁଛି ହୁରି
କଞ୍ଚା ହାକିମଙ୍କ ଚଞ୍ଚା ରାଜୁତି
କା'କୁ ମାରି କା'କୁ ତାରି ଦିଅନ୍ତି

× × ×

ବୁଡାଇବେ କିଆଁ କାଦୁଏ ଗୋଡ଼
ଅସୁନ୍ଦର ହେବ ପିନ୍ଧିବା ଯୋଡ଼ ।"

ଇଏତ ଗଲା ଧର୍ମାବତାର ବୋଲାଉଥିବା, କୁଜା ଅସରପା ଉପରେ କରାମତି ଦେଖାଉଥିବା, ଜଣକୁ ମାରି ଅନ୍ୟ ଜଣକୁ ତାରୁଥିବା, ମଳ-ମୁଣ୍ଡିଆଙ୍କୁ ଛେଳି ବଗୁରୁଥିବା ଆଜିର ସ୍ୱାଧୀନ (?) ଦେଶର 'କଞ୍ଚା ହାକିମଙ୍କ ଚଞ୍ଚା ରାଜୁତି' କଥା । ବାକି ନେତାଙ୍କ କଥା—

Digitized by srujanika@gmail.com

ମୋଟା ବୁଦ୍ଧିଆଙ୍କ ସୂକ୍ଷ୍ମ ବିଚାର
ଚିନାଙ୍ଗନା କରି ବସିବା ସାର
ଅଧା ପନ୍ଦାରଆ ସବୁ ବେକାର
ଯୋଜନା ଯୋଜନା ଶୁଭଇ ରଡ଼
କେତେବେଳେ ଯାଏ ଯୋଜନା ଉଡ଼
ଖରଚ ହୁଏ ଦେଶର ଧନ
ତାଙ୍କର ଲାଭ କି ନୋକସାନ ?''

ମତ୍ସ୍ୟଜୀବୀର ସ୍ୱାର୍ଥ ପାଇଁ ଯେଉଁ ମତ୍ସ୍ୟ ବିଭାଗ ଖୋଲା ଯାଇଛି ତା' ପ୍ରତି କବିଙ୍କ କଟାକ୍ଷ—''ମତ୍ସ୍ୟଦେଶେ ରାଜେ ମତ୍ସ୍ୟ ବିଭାଗ

× × ×

ଅପାରଗ ହେବୁ ଖୋଜିଲେ ଭାଗ ।''

ଏହି '' ମତ୍ସ୍ୟ ବିଭାଗର ବନ୍ଦୀନାଗାର, ଦୂରରୁ ସୁନ୍ଦର '' କିନ୍ତୁ ''ଅଜାଗଲ ସ୍ତନ ପରି ବିଭାଗ/କି ଲାଭ ଥିଲେ ହେଁ ତୋ ଅନୁରାଗ ?''

ମତ୍ସ୍ୟଜୀବୀର ଆଖି ଆଗରେ ''ଗୁଳିଯାଏ ମାଛ କଲିକତାର, ଗାଡ଼ି ଉପର'' ଆଉ ଆଡ଼ତଦାରର ଫାନ୍ଦରେ ଛନ୍ଦି ଯାଇ ସେ ହୁଏ ନିଜେ ଉହାଳ ବିକଳ ।

ହକ ପ୍ରାପ୍ୟ ବୋଲି ସେ ଯାହା ପାଏ ସତରେ ଆହା ସେ 'କେତେ ନିଉନ' ! ମାଛ ବଜାର ସରଗରମ ଥିଲେ ବି ''ଆଡ଼ତଦାରର ପାଉଲି ପଣ' 'କରେନ କଣ' ? 'ଆଡ଼ତଦାର ସେ ବଡ଼ ଚତୁର' 'ଇଚ୍ଛା ଅନୁସାରେ କରେ ବେଭାର ।' ଆଉ ମତ୍ସ୍ୟଜୀବୀଟି ହାଡ଼ଭଙ୍ଗା ଶ୍ରମର ଫଳ ତା' ହାତେ ଟେକି, ଆକୁଳ ଆଖିରେ ରହଇ ଚାହିଁ ।

'ସର୍ବଧ୍ୱଂସୀ କାଳ ଯବନ ପରି' 'ରତ୍ନାକର ଭଣ୍ଡାର'କୁ ଦଳି ଦେଉଥିବା ଶହ ଶହ ଟ୍ରଲର ଓ ପଡ଼ୋଶୀ ରାଜ୍ୟର ବ୍ୟବସାୟୀ ମାନଙ୍କ ଚକ୍ରାନ୍ତରେ କୂଳବର୍ତ୍ତୀ ସାଧାରଣ ମତ୍ସ୍ୟଜୀବୀ ଆଜି ଏକପ୍ରକାର ଭିକାରି ସାଜି ଜୀବନ୍ମୃତ ପ୍ରାୟ ହେଲେଣି । ଦାରୁଣ ଦୁଃଖ-ଦାରିଦ୍ର୍ୟରେ ସଢ଼ି ସେମାନେ କିଂ କର୍ତ୍ତବ୍ୟ ବିମୂଢ଼ । ସମୁଦ୍ରରେ ନିଜ ପ୍ରାଣକୁ ଝାସି ସେମାନେ ନିର୍ବଂଶ ହେବେ କି ବୋଲି କବି ଅତ୍ୟନ୍ତ ବ୍ୟଥିତ ଚିତ୍ତରେ ଶେଷରେ ପ୍ରଶ୍ନ କରିଛନ୍ତି । ସମସ୍ୟା ସମାଧାନର ସୂତ୍ର ସ୍ୱରୂପ ସର୍ବ ଶେଷ ପଦରେ ସେ ଲେଖିଛନ୍ତି—

Digitized by srujanika@gmail.com

"ଜାଗ ମତ୍ସ୍ୟଦେଶ ମତ୍ସ୍ୟବିଭାଗ, ହେଉ ସଜାଗ
କୂଳରୁ କୋଡ଼ିଏ କିଲୋମିଟର
ଦୂରୁ ଧରୁ ମାଛ ସବୁ ଟ୍ରଲର
ବଞ୍ଚୁ ସର୍ବହରା ମତ୍ସ୍ୟାଭିକୂଳ
ଲଭି ସରକାରୀ କଡ଼ା ପ୍ରହରୀ
ଦୁର୍ଦ୍ଧାନ୍ତ ଟ୍ରଲର ପଡ଼ିବେ ଧରା
ମରମନ୍ତୁଦ ପ୍ରାଣ ସଙ୍କଟୁ
ଉଦ୍ଧରି ଯିବେ ଯମ ମୁହଁଠୁ ।"

କିନ୍ତୁ ସରକାର ଏହାକୁ କେତେଦୂର ଗ୍ରହଣ କରିବେ ତାହାହିଁ ପ୍ରଶ୍ନ ।

ସେ ଯାହାହେଉ ଏହି 'ମତ୍ସ୍ୟଜୀବୀ' ଖଣ୍ଡକାବ୍ୟ ବା ଦୀର୍ଘ କବିତାଟିକୁ ବିଭିନ୍ନ ଦିଗରୁ ବିଚାର କଲେ ଅନେକାଂଶରେ ସାର୍ଥକ ହୋଇଛି ବୋଲି କୁହାଯାଇପାରେ । ଏକ ଅବହେଳିତ, ଅଧଃପତିତ ଓ ଚିରଶୋଷିତ ସମ୍ପ୍ରଦାୟର ମାର୍ମିକ ଜୀବନଗାଥା ଭାବରେ ଓଡ଼ିଆ କାବ୍ୟ-ସାହିତ୍ୟରେ ଏହାର ଏକ ସ୍ୱତନ୍ତ୍ର ସ୍ଥାନ ରହିବ ନିଶ୍ଚୟ । ଲେଖକ ଛନ୍ଦ ପ୍ରତି ଆଉ ଟିକିଏ ସତର୍କତା ଅବଲମ୍ବନ କରିଥିଲେ, ଶବ୍ଦ ଚୟନ ଓ ଶବ୍ଦ ପ୍ରୟୋଗରେ ଆଉ ଟିକିଏ ଧ୍ୟାନ ଦେଇଥିଲେ ଖୁବ୍ ଭଲ ହୋଇଥାନ୍ତା । ଉଦାହରଣ ସ୍ୱରୂପ ୪୨ ପୃଷ୍ଠାର ଦ୍ୱିତୀୟ ପଦରେ 'ମଧୁର ଜ୍ୟୋତ୍ସ୍ନା' ସ୍ଥାନରେ 'ମଧୁ ଜୋଛନା' ଓ 'ବିଚିତ୍ରବର୍ଣ୍ଣୀ' ସ୍ଥାନରେ 'ଚିତ୍ରବରଣୀ' ହୋଇଥିଲେ ହୁଏତ ଭଲ ଲାଗିଥାନ୍ତା । ଏହା ଏକ ସୂଚନା ମାତ୍ର । ଲେଖକଙ୍କର ଏହି ସାଧୁ ଉଦ୍ୟମ ଓ ସଫଳ ସୃଷ୍ଟି ପାଇଁ ମୁଁ ତାଙ୍କୁ ସାରସ୍ୱତ ଶୁଭେଚ୍ଛା ସହ ମୋର ଆନ୍ତରିକ ଅଭିନନ୍ଦନ ଜଣାଉଛି ।

ଶ୍ରୀ ବ୍ରଜନାଥ ରଥ
ସୁନହାଟ, ବାଲେଶ୍ୱର
ତା ୩୧-୭-୯୮

Digitized by srujanika@gmail.com